EKAMAATRA

# ଏକମାତ୍ର

ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524



**ଶୁଭେଚ୍ଛା**

ଶାରଦୀୟ ଦୁର୍ଗାପୂଜା ଅବସରରେ ସମସ୍ତଙ୍କୁ 'ଏକମାତ୍ର' ପରିବାରର ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ। ସମସ୍ତଙ୍କ ଜୀବନ ସୁଖମୟ ହେଉ, ଏହା ହିଁ ମା'ଙ୍କ ନିକଟରେ ଆମର ପ୍ରାର୍ଥନା।

\- ସମ୍ପାଦକ

ବର୍ଷ-୪ | ସଂଖ୍ୟା-୪୧ | ୨୬ ଅକ୍ଟୋବର - ୧ ନଭେମ୍ବର, ୨୦୨୦ | ଭୁବନେଶ୍ୱର | Monday Weekly | VOL-4 | ISSUE-41 | 26th OCTOBER - 01st NOVEMBER, 2020 | BHUBANESWAR | ₹ 5/- (8 Pages)






## କେମିତି କଟିବ ଏ ସପ୍ତାହ

**ମେଷ** ବିଦ୍ୟାର୍ଥୀମାନେ ପ୍ରଶଂସିତ ହେବେ। ରାଜନୈତିକ ବ୍ୟକ୍ତିମାନେ ଅସଫଳ ହେବେ। ବ୍ୟବସାୟରେ କ୍ଷତି ସହିବେ। ପୂଜାପାଠରେ ମନ ଅଧିକ ଲାଗିରହିବ। ଆର୍ଥିକ ପରିସ୍ଥିତିରେ ସୁଧାର ଆସିପାରେ। ବିଦେଶ ଭ୍ରମଣ କରିପାରନ୍ତି।

**ବୃଷ** ପିଲାଙ୍କ ସ୍ୱାସ୍ଥ୍ୟ ପ୍ରତି ଚିନ୍ତିତ ରହିପାରନ୍ତି। ଧର୍ମାନୁଷ୍ଠାନରେ ମନ ବଳାଇବେ। ଗୃହରେ ମାଙ୍ଗଳିକ କାର୍ଯ୍ୟ ହେବାର ସୂଚନା ଅଛି। ନୂତନ କର୍ମରେ ଯୋଗ ଦେଇ ସଫଳତା ଲାଭ କରିବେ। ରାଜନୀତି କ୍ଷେତ୍ରରେ ବ୍ୟକ୍ତିଙ୍କୁ ଉଚ୍ଚପଦ ମିଳିପାରେ।

**ମିଥୁନ** ଶାରୀରିକ ପୀଡ଼ା ଅନୁଭବ କରିବେ। ପରିବାରରେ ଏକତା ଓ ମାନସିକ ଶାନ୍ତି ବଢ଼ିବ। ବ୍ୟବସାୟୀମାନେ ଅଧିକ ଲାଭବାନ୍ ହେବେ। କୋର୍ଟକଚେରୀ ମାମଲାରେ ସମାଧାନ ହେବ। ଆୟର ନୂତନ ରାସ୍ତା ପ୍ରସ୍ତୁତ କରିବେ।

**କର୍କଟ** ବନ୍ଧୁଙ୍କ ସହ କଳହ ଉପୁଜିପାରେ। ବ୍ୟବସାୟରେ ଆଶାଠାରୁ ଅଧିକ ଲାଭବାନ୍ ହେବେ। ଜମି କିଣାବିକା ବ୍ୟବସାୟରେ ଲାଭ ହେବ। ଛାତ୍ରଛାତ୍ରୀମାନେ ଶିକ୍ଷା କ୍ଷେତ୍ରରେ ଉନ୍ନତି ଲାଭ କରିପାରିବେ।

**ସିଂହ** ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ବ୍ୟସ୍ତ ରହିବେ। କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ। ଗୃହରେ ବୟୋଜ୍ୟେଷ୍ଠଙ୍କ ସ୍ୱାସ୍ଥ୍ୟ ସୁସ୍ଥ ରହିପାରେ। ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। ଧନ ବୃଦ୍ଧିର ଶୁଭ ସଙ୍କେତ ମିଳିପାରେ।

**କନ୍ୟା** ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ମିଳିବ। ବିବାହ ଆଶାୟୀମାନେ ସଫଳତା ପାଇବେ। ବ୍ୟବସାୟରେ ଆଶାନୁରୂପ ଫଳ ମିଳିବ। ଜମିଜମା ବିବାଦର ସମାଧାନ ହେବ। ନୂତନ କର୍ମରେ ଯୋଗ ଦେବାର ସମୟ ଆସିବ।

**ତୁଳା** ଛାତ୍ରଛାତ୍ରୀମାନେ ପାଠପଢ଼ା କ୍ଷେତ୍ରରେ ଚିନ୍ତିତ ରହିବେ। କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ କର୍ମଚାରୀଙ୍କ ଠାରୁ ପ୍ରଶଂସିତ ହେବେ। ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ଆସିବ। ଆର୍ଥିକ ଅସବୁିଧା ଲାଗି ରହିବ।

**ବିଛା** ପାରିବାରିକ ଅଶାନ୍ତି ଦୂର ହେବ। ନୂତନ କର୍ମକ୍ଷେତ୍ରରେ ଯୋଗ ଦେବେ। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମ କରି ଶୁଭଫଳ ପାଇବେ। ବିବାହ ଆଶାୟୀମାନଙ୍କ ଆଶା ପୂରଣ ହେବାର ସମ୍ଭାବନା ରହିଛି।

**ଧନୁ** ପରିବାରରେ ସାମାନ୍ୟ କଥାକୁ ନେଇ କଳହ ହୋଇପାରେ। ବ୍ୟବସାୟୀମାନେ ଆଶାନୁରୂପ ଲାଭ ପାଇବେ। ଚାକିରି କ୍ଷେତ୍ରରେ ଲାଗିଥିବା ବିବାଦ ସମାଧାନ ହେବ। ବ୍ୟବସାୟୀମାନେ ଲାଭାବନ୍ ହେବେ।

**ମକର** ଭାଗ୍ୟ ଉଜ୍ଜ୍ୱଳ ରହିବ। ନୂତନ ଯାନ କ୍ରୟ କରି ଖୁସି ଅନୁଭବ କରିବେ। ପଦୋନ୍ନତି ଘଟିପାରେ। ଗୃହରେ ଶାନ୍ତିର ବାତାବରଣ ଦେଖାଦେବ। ବ୍ୟବସାୟରେ ଅଧିକ ଲାଭବାନ ହେବେ। ଜମିଜମା ବିବାଦ ଲାଗି ରହିବ।

**କୁମ୍ଭ** ବିଦ୍ୟାର୍ଥୀମାନେ ପରିଶ୍ରମ କରି ସଫଳତା ପାଇବେ। ନୂତନ ଗୃହ ନିର୍ମାଣ କରିବାର ସମୟ ଆସିବ। ବୈବାହିକ ଜୀବନ ସୁଖମୟ ହେବ। ଗୃହରେ ଶାନ୍ତି ବଜାୟ ରହିବ। ମାନସିକ ସୁସ୍ଥତା ଅନୁଭବ କରିବେ। ବିଦେଶର ଭ୍ରମଣର ସୁଯୋଗ ରହିଛି।


**ମୀନ** ବ୍ୟବସାୟୀମାନେ ଆଶାତୀତ ଲାଭବାନ୍ ହେବେ। ଚାରିଚକିଆ ଯାନ ପ୍ରତି ସତର୍କତା ରହିବେ। ଆର୍ଥିକ ସମସ୍ୟା ଦୂର ହେବ। ଦାମ୍ପତ୍ୟଜୀବନ ସୁଖମୟ ରହିବ। ଧନପ୍ରାପ୍ତିର ପ୍ରବଳ ଯୋଗ ରହିଛି।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

# ‘ଲକଡାଉନ୍ ନାହିଁ, କିନ୍ତୁ ସଂକ୍ରମଣ ଅଛି’

**ନୂଆଦିଲ୍ଲୀ :** କରୋନା ବିରୋଧୀ ଲଢ଼େଇରେ ଜନତା କର୍ଫ୍ୟୁଠାରୁ ଆରମ୍ଭ କରି ଆଜିଯାଏଁ ସମସ୍ତ ଭାରତବାସୀ ଏକ ଦୀର୍ଘ ସମୟ ପରେ ପୁଣିଥରେ ଚଳଚଞ୍ଚଳ ହେଉଛନ୍ତି ଏବଂ ଧୀରେ ଧୀରେ ଆର୍ଥିକ ଗତିବିଧି ବୃଦ୍ଧି ପାଉଛି କିନ୍ତୁ ଆମେ ଏହା ଭାବିବା ଉଚିତ ନୁହେଁ ଯେ ପରିସ୍ଥିତି ସାମାନ୍ୟ ହୋଇଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ ଉଦ୍‌ବୋଧନ ଦେବା ଅବସରରେ ଏହା କହିଛନ୍ତି। ସେ କହିଚନ୍ତି ଯେ, ଲୋକମାନେ ନିଜର ଆବଶ୍ୟକତା ପୂରଣ କରିବା ପାଇଁ ବାହାରକୁ ଯାଉଛନ୍ତି ଏବଂ ବିଶେଷ କରି ଉତ୍ସବ ସମୟରେ ଲୋକମାନଙ୍କୁ ଅଧିକ ସମୟ ବାହାରେ ରହିବାକୁ ପଡୁଛି କିନ୍ତୁ ଆମେ ଭୁଲିଯିବା ଉଚିତ ନୁହେଁ ଯେ ଲକଡାଉନ୍ ଅପସରି ଯାଉଛି, କିନ୍ତୁ ସଂକ୍ରମଣ ଯାଇନାହିଁ। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଗତ ୭-୮ ମାସ ମଧ୍ୟରେ ପ୍ରତ୍ୟେକ ଭାରତୀୟଙ୍କ ଉଦ୍ୟମ ଯୋଗୁ ଆଜି ଭାରତରେ କରୋନା ସ୍ଥିତି ନିୟନ୍ତ୍ରରେ ଅଛି। ତେଣୁ ସେହି ଅବସ୍ଥାକୁ ଅଧିକ ଖରାପ ହେବାକୁ ଦେବା ନାହିଁ। ସେ କହିଛନ୍ତି ଯେ, ଦେଶରେ ଏବେ କରୋନା ଜନିତ ପୁନରୁଦ୍ଧାର ହାର ଭଲ ରହିଛି ଏବଂ ମୃତ୍ୟୁ ହାର କମ୍ ରହିଛି। ଭାରତ ବିଶ୍ୱର ସମୃଦ୍ଧ ଦେଶ ଅପେକ୍ଷା ଅଧିକରୁ ଅଧିକ ନାଗରିକଙ୍କ ଜୀବନ ରକ୍ଷା କରିବାରେ ସଫଳ ହୋଇଛି। ଅନ୍ୟପକ୍ଷରେ କୋଭିଡ୍ ମହାମାରୀ ବିରୋଧୀ ଲଢ଼େଇରେ ବୃଦ୍ଧି ପାଉଥିବା ନମୁନା ପରୀକ୍ଷଣ ସଂଖ୍ୟା ଏକ ପ୍ରମୁଖ ଶକ୍ତି ହୋଇଛି ବୋଲି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି। ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ‘ସେବା ପରମୋ ଧର୍ମ’ ମନ୍ତ୍ର ଅନୁସରଣ କରିବା ପାଇଁ ଆହ୍ୱାନ ଦେଇଛନ୍ତି ଓ କହିଛନ୍ତି, ଆମର ଡାକ୍ତର, ନର୍ସ, ସ୍ୱାସ୍ଥ୍ୟକର୍ମୀମାନେ ନିଃସ୍ୱାର୍ଥପର ଭାବରେ ସେବା କରୁଛନ୍ତି। ଏସବୁ ଚେଷ୍ଟା ମଧ୍ୟରେ କେହି ବେପରୁଆ ହେବାର ସମୟ ନୁହେଁ। ଏକଥା ଅନୁମାନ କରିବାର ସମୟ ନୁହେଁ ଯେ କରୋନା ଚାଲିଯାଇଛି କିମ୍ବା ବର୍ତ୍ତମାନ କରୋନା ଠାରୁ



କୌଣସି ବିପଦ ନାହିଁ। ସେ କହିଛନ୍ତି ଯେ, ଏବେ ଅନେକ ଚିତ୍ର ଓ ଭିଡିଓରେ ଅନେକ ଲୋକ ସତର୍କତା ଅବଲମ୍ବନ କରୁନଥିବା ଜଣାପଡିଛି କିନ୍ତୁ ତାହା ଠିକ୍ ନୁହେଁ। ପ୍ରଧାନମନ୍ତ୍ରୀ ସତର୍କ କରାଇ ଦେଇ କହିଛନ୍ତି ଯେ, ଯଦି ଆପଣ ଅସାବଧାନ, ବିନା ମାସ୍କରେ ବାହାରକୁ ଯାଉଛନ୍ତି, ତେବେ ଆପଣ ନିଜକୁ, ନିଜ ପରିବାରକୁ, ପରିବାରର ପିଲାମାନଙ୍କୁ ଓ ଘରର ବୟସ୍କ ମାନଙ୍କୁ ଅସୁବିଧାରେ ପକାଉଛନ୍ତି। କରୋନା ଟିକା ନ ଆସିବା ଯାଏ, ଆମକୁ ସତର୍କ ରହିବାକୁ ପଡିବ। ବିଶ୍ୱର ବଡବଡ ବିକଶିତ ଦେଶ ତୁଳନାରେ ଭାରତର କରୋନା ସ୍ଥିତି ବେଶ୍ ଭଲ। ଆମେରିକା ଓ ବ୍ରାଜିଲ ଭଳି ଦେଶରେ କରୋନା ଯେଉଁଭଳି ବ୍ୟାପିଥିଲା, ସତର୍କତା କାରଣରୁ ଭାରତ କରୋନାକୁ ରୋକିବାରେ ସଫଳ ହୋଇଛି। ତେଣୁ ନିୟନ୍ତ୍ରିତ ସ୍ଥିତିକୁ କେବେ ହେଲେ ଆମେ ବିଗିଡିବାକୁ ଦେବାନାହିଁ। ଭାରତରେ ପ୍ରତି ୧୦ଲକ୍ଷରେ ମୃତ୍ୟୁ ସଂଖ୍ୟା ୮୩ ରହିଛି। ବିଶ୍ୱର ଯେଉଁ ସବୁ ରାଷ୍ଟ୍ରରେ କରୋନା ପ୍ରକୋପ କମିଥିଲା ଏବେ ପୁଣି ଭୟଙ୍କର ଭାବେ ବଢୁଛି। ତେଣୁ ଆମକୁ ଏହାକୁ ଦୃଷ୍ଟିରେ ରଖିବାକୁ ପଡିବ। ବିଶ୍ୱର ସବୁ ରାଷ୍ଟ୍ର ଯୁଦ୍ଧକାଳିନ ଭିତ୍ତିରେ କରୋନା ଟିକା ବାହାର କରିବାରେ ଲାଗିଛନ୍ତି। ଭାରତରେ ମଧ୍ୟ ଏକାଧିକ ଟିକାର ପରୀକ୍ଷଣ କରାଯାଉଛି। କିଛି ଟିକା ମଧ୍ୟ ଶେଷ ପର୍ଯ୍ୟାୟରେ ରହିଛି। କରୋନା ଟିକା ଆସିଲେ, ଏହା କେମିତି ତୁରନ୍ତ ସବୁ ଭାରତୀୟଙ୍କ ପାଖରେ ପହଞ୍ଚିବ, ତା’ ଉପରେ ସରକାର କାର୍ଯ୍ୟ କରୁଛନ୍ତି। ତେଣୁ ସେତେଦିନ ଯାଏ ଆମକୁ ମାସ୍କ ପିନ୍ଧିବାକୁ ପଡିବ, ସାମାଜିକ ଦୂରତା ସହ ବାରମ୍ବାର ହାତ ଧୋଇବା ଅଭ୍ୟାସକୁ ଜାରି ରଖିବାକୁ ପଡିବ। ପାପ, ଭୁଲ ଓ ବେମାରୀକୁ କେବେ ହେଲେ ଛୋଟ ଭାବିବା ଉଚିତ ନୁହେଁ। ଯେଉଁ ପର୍ଯ୍ୟନ୍ତ ଔଷଧ ନାହିଁ, ସେ ପର୍ଯ୍ୟନ୍ତ ଅବହେଳା ନାହିଁ। ସମସ୍ତେ ନିଜ ନିଜ ସ୍ତରରେ କରୋନା ପାଇଁ ସଚେତନ ହେବା ଦରକାର। ମିଡିଆ ଓ ସୋସିଆଲ ମିଡିଆ ବ୍ୟବହାରକାରୀ ଯଥା ସମ୍ଭବ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ଲୋକଙ୍କୁ ସଚେତନ କରିବା ଉଚିତ ବୋଲି ମୋଦି କହିଛନ୍ତି। ଏଥିସହ ସେ ଆଗକୁ ଆସୁଥିବା ବିଭିନ୍ନ ପର୍ବପର୍ବାଣୀ ପାଇଁ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଅନୁପ୍ରବେଶ ଅପେକ୍ଷାରେ ୩୦୦ ଆତଙ୍କୀ

**ନୂଆଦିଲ୍ଲୀ :** ଜାମ୍ମୁ-କାଶ୍ମୀରରେ ଦିନକୁ ଦିନ ବଦଳୁଥିବା ପରିସ୍ଥିତି ନେଇ ପଡୋଶୀ ପାକିସ୍ତାନ ଚିନ୍ତାରେ ପଡିଯାଇଛି। ସେନାବାହିନୀର ତ୍ୱରିତ କାର୍ଯ୍ୟାନୁଷ୍ଠାନ ଓ ଭାରତର କଡା ଜବାବ ଯୋଗୁ ଜାମ୍ମୁ-କାଶ୍ମୀରରେ ଆତଙ୍କବାଦୀଙ୍କ ସଂଖ୍ୟା ହ୍ରାସ ପାଉଥିବାରୁ ସୀମାନ୍ତରେ କିଛି ଆତଙ୍କବାଦୀ ସଂଗଠନ ଲଞ୍ଚ ପ୍ୟାଡରୁ ଭାରତ ଭିତରକୁ ଆତଙ୍କବାଦୀ ପଠାଇବାକୁ ଅପେକ୍ଷା କରିଛନ୍ତି। ଏହି ଲଞ୍ଚ ପ୍ୟାଡରେ ୨୫୦ ରୁ ୩୦୦ ଆତଙ୍କବାଦୀ ଥିବା ଭାରତୀୟ ସେନାକୁ ସୂଚନା ମିଳିଛି। ସୁରକ୍ଷା ସଂସ୍ଥା ଗୁଡିକର ଏହି ସୂଚନା ପରେ ସେନା ପକ୍ଷରୁ ନିୟନ୍ତ୍ରଣ ରେଖା ଅଞ୍ଚଳରେ ସୁରକ୍ଷା ଓ ପହରା ବ୍ୟବସ୍ଥା କଡାକଡି କରାଯାଇଛି। ସେଠାରେ ଅବସ୍ଥାପିତ ଜରୁରୀକାଳୀନ ସୁରକ୍ଷା ଅଧିକାରୀ ଜେନେରାଲ ଅଫିସର କମାଣ୍ଡିଂ ମେଜର ଜେନେରାଲ ଏଚ୍ ସାହି କହିଛନ୍ତି ଯେ, ୨୫୦-୩୦୦ ଆତଙ୍କବାଦୀ ଲାଇନ୍ ଅଫ୍ କଣ୍ଟ୍ରୋଲ୍ ଦେଇ ଲଞ୍ଚ ପ୍ୟାଡରୁ ଅନୁପ୍ରବେଶ କରିବାକୁ ଅପେକ୍ଷା କରିଛନ୍ତି। ସାହି କହିଛନ୍ତି ଯେ, ଏହି ସୂଚନା ମିଳିବା ପରେ ସୁରକ୍ଷା କଡାକଡି କରାଯାଇଛି। ଏହି ଆତଙ୍କବାଦୀମାନେ ଆସନ୍ତା



ଦୁଇ ସପ୍ତାହ ମଧ୍ୟରେ ଅନୁପ୍ରବେଶ କରିବାକୁ ଚେଷ୍ଟା କରିବେ। ଆତଙ୍କବାଦୀଙ୍କ ଅନୁପ୍ରବେଶରେ ପାକିସ୍ତାନୀ ସେନା ମଧ୍ୟ ସମ୍ପୂର୍ଣ୍ଣ ସହଯୋଗ କରିବ। ଆଗାମୀ ଦିନରେ ଭାରତୀୟ ସେନାର ଦୃଷ୍ଟି ହଟାଇବା ପାଇଁ ପାକିସ୍ତାନ ପକ୍ଷରୁ ନିୟନ୍ତ୍ରଣ ରେଖାରେ ଗୁଳିଗୋଳା ବର୍ଷଣ ବୃଦ୍ଧି ପାଇବା ସମ୍ଭାବନା ରହିଥିବା ସେ କହିଛନ୍ତି। ପାଗ ବଦଳିବା ଆରମ୍ଭ କରିଥିବାରୁ ଆତଙ୍କବାଦୀମାନେ ମଧ୍ୟ ଏହାର ସମ୍ପୂର୍ଣ୍ଣ ଫାଇଦା ଉଠାଇବା ପାଇଁ ଚେଷ୍ଟା କରିବେ କିନ୍ତୁ ସେ ନିଶ୍ଚିତ କରିଛନ୍ତି ଯେ, ଭାରତୀୟ ସେନା ସେମାନଙ୍କୁ ସୀମା ଅତିକ୍ରମ କରିବାକୁ ଦେବ ନାହିଁ। ସେ କହିଛନ୍ତି ଯେ, ଚେତାବନୀ ପରେ ସୁରକ୍ଷା ବାହିନୀ ଦ୍ୱାରା ସୀମାକୁ ସମ୍ପୂର୍ଣ୍ଣ ସିଲ୍ କରାଯାଇଛି।

## ‘ହିମାଳୟ ଯୋଗୁଁ ଘଟିପାରେ ବଡ଼ ଭୂକମ୍ପ’


**ନୂଆଦିଲ୍ଲୀ :** ଗୋଟିକ ପରେ ଗୋଟିଏ ବଡ ଧରଣର ଭୂମିକମ୍ପ ଘଟାଇବାକୁ ସମଗ୍ର ହିମାଳୟ ଶ୍ରଣୀ ପ୍ରସ୍ତୁତ ହୋଇ ରହିଥିବା କଥା ଏକ ଅଧ୍ୟୟନରୁ ଜଣାପଡିଛି। ୮ରୁ ଅଧିକ ତୀବ୍ରତା ସମ୍ପନ୍ନ ପରବର୍ତ୍ତୀ ଭୂମିକମ୍ପ ଆମ ଜୀବଦ୍ଦଶା ମଧ୍ୟରେ ବି ହୋଇପାରେ ବୋଲି ଭୂବିଜ୍ଞାନ ସମ୍ବନ୍ଧୀୟ, ଐତିହାସିକ ଏବଂ ଭୂତାତ୍ତ୍ୱିକ ତଥ୍ୟାବଳୀ ସମୀକ୍ଷା କରି ଏହି ଅଧ୍ୟୟନ କହିଛି। ହିମାଳୟ ଶ୍ରେଣୀ ଅନ୍ତର୍ଗତ ଜନଗହଳିପୂର୍ଣ୍ଣ ଦେଶମାନଙ୍କର ଏହି ଭୂମିକମ୍ପ ଯାଗୁଁ ମୃତ୍ୟୁ ସଂଖ୍ୟା ଅଭୂତପୂର୍ବ ହେବାର ସମ୍ଭାବନା ଅଛି ବୋଲି ଗବେଷକମାନେ ଏହି ଅଧ୍ୟୟନରେ ଉଲ୍ଲେଖ କରିଛନ୍ତି। ଭବିଷ୍ୟତର ଏହି ହିମାଳୟ ଭୂମିକମ୍ପ ବିଂଶ ଶତାବ୍ଦୀରେ ଆଲସ୍କା ଉପସାଗରରୁ ଆରମ୍ଭ କରି ସୁଦୂର ପୂର୍ବ ରୁର କର୍ମଚଟ୍‌କ ପର୍ଯ୍ୟନ୍ତ ବିସ୍ତୃତ ‘ଆଲୁସିଆନ୍ ସବ୍‌ଡକ୍‌ସନ୍ ଜୋନ୍’ରେ ସଂଘଠିତ ହୋଇଥିବା ବଡ ଭୂମିକମ୍ପ ପରି ହୋଇପାରେ। ‘ସିସ୍‌ମୋଲାଜିକାଲ ରିସର୍ଚ୍ଚ ଲେଟର୍ସ’ ଜର୍ଣ୍ଣାଲର ଅଗଷ୍ଟ ସଂଖ୍ୟାରେ ପ୍ରକାଶିତ ଏହି ସମୀକ୍ଷା ପ୍ରାଗ୍ ଐତିହାସିକ ଭୂମିକମ୍ପର ଆକାର ଏବଂ ସମୟ ସୀମା ମୂଲ୍ୟାୟନ କରି ଭବ୍ୟିତର ବିପଦ ଆକଳନ କରିବା ନିମନ୍ତେ ‘ଷ୍ଟ୍ରାଟିଗ୍ରାଫିକ୍ ଆନାଲିସସ୍’, ‘ଷ୍ଟ୍ରକ୍‌ଚରାଲ ଆନାଲିସିସ୍‘, ‘ସଏଲସ୍ ଆନାଲିସିସ୍’ ଏବଂ ‘ରେଡିଓ କାର୍ବନ୍ ଆନାଲିସିସ୍’ ଭଳି ମୌଳିକ ଭୂତାତ୍ତ୍ୱିକ ନୀତି ଗୁଡିକୁ ବ୍ୟବହାର କରିଛି। ଏହି ଅଧ୍ୟୟନର ଲେଖକ ଷ୍ଟିଭେନ୍ ଜି.ୱେସ୍‌ନୌସ୍କି ଗଣମାଧ୍ୟମକୁ



କହିଛନ୍ତି, ଭାରତେର ଅରୁଣାଚଳ ପ୍ରଦେଶର ପୂର୍ବ ସୀମାନ୍ତରୁ ପଶ୍ଚିମରେ ପାକିସ୍ତାନ ପର୍ଯ୍ୟନ୍ତ ବିସ୍ତୃତ ସମୁଦାୟ ହିମାଳୟ ଶ୍ରେଣୀ ଅତୀତରେ ମଧ୍ୟ ବଡ ବଡ ଭୂମିକମ୍ପର ଉତ୍ସ ହୋଇଥିଲା। ପୁନର୍ବାର ଏହି ଭୂମିକମ୍ପ ସବୁ ସଂଘଠିତ ହେବ। ବୈଜ୍ଞାନିକ ଦୃଷ୍ଟିକୋଣରୁ ବିଚାର କଲେ, ଯଦି ପରବର୍ତ୍ତୀ ଭୂମିକମ୍ପ ଆମ ଜୀବଦଶ ଭିତରେ ହୁଏ, ସେଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। କିନ୍ତୁ, ଆମ ଅଧ୍ୟୟନର ପ୍ରସ୍ତାବନା ଅନୁସାରେ ଏହି ଭୂମିକମ୍ପ ୧୦୦ ବର୍ଷ ପରେ ହୋଇପାରେ। ଜିଓଲୋଜି ଏବଂ ସିସ୍‌ମୋଲୋଜିର ପ୍ରଫେସର ୱେସ୍‌ନୌସ୍କି ସମ୍ପ୍ରତି ଯୁକ୍ତରାଷ୍ଟ୍ର ଆମେରିକାର ରେନୋ ଅନ୍ତର୍ଗତ ୟୁନିଭରର୍ସିଟି ଅଫ୍ ନେଭାଡାର ନିର୍ଦ୍ଦେଶକ ଅଛନ୍ତି।

## ମହାକାଶରୁ ନମୁନା ସଂଗ୍ରହ କଲା ନାସା

**ନାସା :** ଆମେରିକାର ସ୍ପେସ୍ ଏଜେନ୍ସି ନାସାର ମହାକାଶଯାନ ଓସିରିସ୍-ରେକ୍ସ ମହାକାଶରେ ଏଷ୍ଟେରଏଡ୍ ବେନୁକୁ ସଫଳତାର ସହ ଛୁଇଁଛି। ଏହାପରେ ମହାକାଶରେ ଏକ ନମୁନା ସଂଗ୍ରହ କରିଛି ଏହି ମହାକାଶଯାନ। ପ୍ରଥମେ ଏହି ସଫଳତା ଜାପାନ ପାଇଥିଲା। ପରେ ଏଷ୍ଟେରଏଡରୁ ନମୁନା ନେବାରେ ଆମେରିକା ଦ୍ୱିତୀୟ ଦେଶ ସଫଳ ହୋଇଛି। ଆସନ୍ତା ସପ୍ତାହରେ ନାସାର ମହାକାଶଯାନ ଓସିରିସ୍-ରେକ୍ସ ଏଷ୍ଟେରଏଡ ବେନୁ କେତେ ନମୁନା ହାସଲ କରିଛି ତାହା ଜଣାପଡିବ। ନାସା ମହାକାଶଯାନ ଓସିରିସ୍-ରେକ୍ସ ଦ୍ୱାରା ଏଷ୍ଟେରଏଡ ବେନୁର ଏହି ସଫଳତା ଐତିହାସିକ ବୋଲି କୁହାଯାଇଛି। ନାସାର ମହାକାଶଯାନ ଦ୍ୱାରା ବେନୁରୁ ସଂଗୃହିତ ନମୁନା ଆଧାର ଉପରେ ଜଣାପଡିବ ଯେ ଆଉଥରେ ନମୁନା ସଂଗ୍ରହ ଆବଶ୍ୟକ ଅଛି କି ନାହିଁ। ନାସାର ଏହି



ମହାକାଶଯାନକୁ ଗ୍ରାଉଣ୍ଡ କଣ୍ଟ୍ରୋଲ ଦ୍ୱାରା ନିର୍ଦ୍ଦେଶ ଦିଆଯାଇଥିଲା। ପ୍ରାୟ ୪.୫ ଘଣ୍ଟା ମଧ୍ୟରେ କକ୍ଷପଥରୁ ବେନୁ ପୃଷ୍ଠରେ ପହଞ୍ଚିଥିଲା। ଗତ ଦୁଇବର୍ଷ ଧରି ବେନୁର ଚାରିପଟେ ଘୁରି ବୁଲୁଥିଲା। ସ୍ପେସ ଏକ୍ସ ଏହା ଉପରେ ନଜର ରଖିଥିଲା। ତେବେ ସ୍ପେସକ୍ରାଫ୍ଟର ଓସିରିସ୍-ରେକ୍ସ ସମସ୍ତ କଳ୍ପନାଜଳ୍ପନାର ଫୁଲଷ୍ଟପ ପକାଇ ନାଇଟିଙ୍ଗଲେ ନାମକ ଏକ ସ୍ଥାନରେ ଅବତରଣ କରିଥିଲା। ଗୋଲ ଗୋଲ ହୋଇ ଚାରିପଟେ ଘୁରିବୁଲିବା ପରେ ଅବତରଣ ପାଇଁ ଆବଶ୍ୟକ ଥିବା ମାତ୍ର ୮ ମିଟର ଚଉଡାରେ ଓସିରିସ୍-ରେକ୍ସ ଓହ୍ଲାଇଥିଲା। ନମୁନା ସଂଗ୍ରହ ପାଇଁ ଏହି ସ୍ଥାନଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା ବୋଲି କୁହାଯାଉଛି। ବୈଜ୍ଞାନିକଙ୍କ ତଥ୍ର ଅନୁଯାୟୀ, ସୂକ୍ଷ୍ମ, ଧୂଳି, ପଥର ଏବଂ ମାଟି ରହିଛି ଯାହାକି ଦୀର୍ଘ ସମୟ ଧରି ଆଖପାଖ ପରିବେଶ ସହିତ ସଂସ୍ପର୍ଶରେ ଆସି ନଥିଲା। ନାସାର ଏହି ମହାକାଶଯାନ ୨୦୧୩ରେ ଫେରିବ। ଆରିଜୋନା ବିଶ୍ୱବିଦ୍ୟାଳୟର ବୈଜ୍ଞାନିକ ଡାଣ୍ଟେଲ ଲାରିଟା ଏହି ସଫଳତାରେ ଖୁସି ବ୍ୟକ୍ତ କରିଛନ୍ତି। ଗୋଟିଏ ମହାକାଶଯାନ ଯାହା କରିବା ଆବଶ୍ୟକ ତାହା କରି ଦେଖାଇଛି ବୋଲି ସେ କହିଛନ୍ତି।

## ନୌସେନାରେ ‘କବରତ୍ତି’

**ନୂଆଦିଲ୍ଲୀ :** ସ୍ୱଦେଶୀ ନିର୍ମିତ ବୁଡାଜାହାଜ ବିଧ୍ୱଂସି ଯୁଦ୍ଧପୋତ ଆଇଏନ୍‌ଏସ୍ କବରତି ନୌସେନାରେ ସାମିଲ ହୋଇଛି। ସେନା ମୁଖ୍ୟ ଜେନେରାଲ ଏମ୍ ନରୱ୍ୱଣେ ବିଶାଖପାଟନମ ନୌସେନା ଡକୟାର୍ଡରେ ଏହି ଯୁଦ୍ଧପୋତକୁ କମିଶନ କରିଛନ୍ତି। ପ୍ରୋଜେକ୍ଟ ୨୮ ଅନ୍ତର୍ଗତ କାମୋର୍ଟ ଶ୍ରେଣୀର ଏହି ଯୁଦ୍ଧପୋତକୁ ସମ୍ପୂର୍ଣ୍ଣ ଦେଶୀୟ ଜ୍ଞାନକୌଶଳ ବ୍ୟବହାର କରି ନିର୍ମାଣ କରାଯାଇଛି। ଭାରତୀୟ ନୌସେନାର ନିଜସ୍ୱ ପ୍ରତିଷ୍ଠାନ, ନୌସେନା ଡିଜାଇନ୍ ନିର୍ଦ୍ଦେଶାଳୟ ଏବଂ କୋଲକାତା ଗାର୍ଡେନ୍ ରିଚ୍ ସିପବିଲ୍ଡର୍ସ ଆଣ୍ଡ ଇଞ୍ଜିନିୟର୍ସ ଦ୍ୱାରା ଏହି ବୁଡାଜାହାଜ ବିଧ୍ୱଂସି ଯୁଦ୍ଧପୋତ ଆଇଏନ୍‌ଏସ୍ କବରତ୍ତି ନିର୍ମିତ ହୋଇଛି। ଦେଶୀୟ ଜ୍ଞାନକୌଶଳରେ ନିର୍ମିତ ୪ଟି ବୁଡାଜାହାଜ ନିରୋଧୀ ଯୁଦ୍ଧ ଜାହାଜ ମଧ୍ୟରୁ ଆଇଏନ୍‌ଏସ୍ କବରତ୍ତି ସର୍ବଶେଷ ଯୁଦ୍ଧ ଜାହାଜ। ଏହି ଯୁଦ୍ଧ ଜାହାଜ ନୌବାହିନୀର ଦକ୍ଷତା ବୃଦ୍ଧି କରିବ ଓ ଯୁଦ୍ଧ ଜାହାଜ ନିର୍ମାଣ କ୍ଷେତ୍ରରେ ଦେଶକୁ ଆତ୍ମନିର୍ଭରଶୀଳ କରାଇବାରେ ସାହାଯ୍ୟ କରିବ। ଏହାକୁ ନୌବାହିନୀରେ ଅନ୍ତର୍ଭୁକ୍ତ କରାଯିବା ପୂର୍ବରୁ ଏହାର ସମସ୍ତ ପରୀକ୍ଷା ସଫଳତାର ସହ ସମ୍ପନ୍ନ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଘୋଷିତ ଆତ୍ମନିର୍ଭର ଭାରତର ଜାତୀୟ ଉଦ୍ଦେଶ୍ୟକୁ ଏହା ଦୃଢ଼ ଓ ପ୍ରକୃତ ଅର୍ଥରେ ପ୍ରମାଣିତ କରୁଥିବା ଭାରତୀୟ ନୌସେନାର ଜଣେ ଅଧିକାରୀ କହିଛନ୍ତି। ଏହି ଜାହାଜରେ ୯୦% ପର୍ଯ୍ୟନ୍ତ ସ୍ୱଦେଶୀ ସାମଗ୍ରୀ ରହିଛି ଏବଂ କାର୍ବନ କମ୍ପୋଜିଟ୍ ବ୍ୟବହାର କରାଯାଇଛି। ଜାହାଜର ଅସ୍ତ୍ରଶସ୍ତ୍ର ଏବଂ ସେନ୍ସର ସୁଟ୍ ମୁଖ୍ୟତ ପାରମ୍ପରିକ ଅଟେ ଯାହା ଦେଶର ବୃଦ୍ଧି ପାଉଥିବା ସାମର୍ଥ୍ୟକୁ ଦର୍ଶାଉଛି ବୋଲି ଅଧିକାରୀ କହିଛନ୍ତି। ଏଥିରେ ବ୍ୟବହୃତ ସେନସର ସୁଟ୍ ଜଳରାଶି ମଧ୍ୟରେ ଅନ୍ୟ ଯୁଦ୍ଧପୋତକୁ ଚିହ୍ନଟ କରି ତୁରନ୍ତ ପଦକ୍ଷେପ ନେବାକୁ ସକ୍ଷମ।


## ସମସ୍ତଙ୍କୁ ଦିଆଯିବ ମାଗଣା କରୋନା ଟିକା



**ନୂଆଦିଲ୍ଲୀ :** ଦେଶରେ କରୋନା ଟିକା ପରୀକ୍ଷା ଦ୍ରୁତ ଗତିରେ ଚାଲିଛି। ଚଳିତ ବର୍ଷ ଶେଷ ସୁଦ୍ଧା ଦେଶ କରୋନା ଟିକା ପାଇପାରେ ବୋଲି ବିଶ୍ୱାସ କରାଯାଉଛି। ଏହି ସମୟରେ କେନ୍ଦ୍ର ବ୍ୟୟ ସଚିବ ଟିଭି ସୋମନାଥନ୍ କୋଭିଡ୍-୧୯ ଟିକା ବିତରଣକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛନ୍ତି। ସମସ୍ତଙ୍କୁ କୋଭିଡ୍-୧୯ ଟିକା ପ୍ରଦାନ ନିମନ୍ତେ ସରକାରଙ୍କ ପାଖରେ ପର୍ଯ୍ୟାପ୍ତ ସମ୍ବଳ ରହିଛି। ଏହି ଟିକା ଆସିବା ପରେ ଏହା ଦେଶର ପ୍ରତ୍ୟେକ ନାଗରିକଙ୍କ ନିକଟରେ ସହଜରେ ପହଞ୍ଚା ଯାଇପାରିବ ବୋଲି ସୋମନାଥନ କହିଛନ୍ତି। ଶ୍ରୀ ସୋମନାଥନ୍ କହିଛନ୍ତି ଯେ, ଆମେ ଏ ବିଷୟରେ ଏକ ଆକଳନ କରିଛୁ ଏବଂ ଦେଶର ପ୍ରତ୍ୟେକ ଅଭାବୀ ବ୍ୟକ୍ତିଙ୍କୁ କରୋନା ଟିକା ଦେବା ନିମନ୍ତେ ବଜେଟ୍ ଏକ ପ୍ରତିବନ୍ଧକ ନୁହଁ। ସମସ୍ତ ଉପଲବ୍ଧ ଉତ୍ସ ଅନୁଯାୟୀ ଅର୍ଥ ମନ୍ତ୍ରଣାଳୟ ଏହି ଦକ୍ଷତା ବିକାଶ କରିଛି। ଯେତେବେଳେ କରୋନା ଟିକା ଆସିବ, ଏହା ଦେଶର ସମସ୍ତଙ୍କ ପାଇଁ ସହଜରେ ଉପଲବ୍ଧ ହେବ। କରୋନା ଭାଇରସ ଟିକା ଦେଶର ଲୋକଙ୍କୁ ମାଗଣାରେ ଦିଆଯିବ କି ? ବୋଲି ପ୍ରଶ୍ନର ଉତ୍ତର ଦେଇ ସେ କହିଛନ୍ତି ଯେ, ଏହି ପ୍ରସଙ୍ଗରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ନିଷ୍ପତ୍ତି ନେବ। ଦେଶରେ ଅନେକ ଲୋକ ଅଛନ୍ତି ଯେଉଁମାନେ କରୋନା ଟିକା ପାଇଁ ମୂଲ୍ୟ ଦେବାକୁ ସମର୍ଥ। ସର୍ବସାଧାରଣ ଅର୍ଥ ସର୍ବଦା ବିବେକ ସହିତ ବ୍ୟବହୃତ ହେବା ଉଚିତ୍। କାହାକୁ ମାଗଣା ଦିଆଯିବା ଉଚିତ ଏବଂ କାହାକୁ ପ୍ରାଥମିକତା ଦିଆଯିବ ସେ ସମ୍ପର୍କରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ନିଷ୍ପତ୍ତି ନେବ। ସ୍ୱାସ୍ଥ୍ୟ ଓ ନୀତି ମନ୍ତ୍ରଣାଳୟର ସଦସ୍ୟ ଭିକେ ପାଲଙ୍କ ନେତୃତ୍ୱରେ କମିଟି ବିତରଣର ସବିଶେଷ ତଥ୍ୟ ପ୍ରସ୍ତୁତ କରୁଛି ବୋଲି ଶ୍ରୀ ସୋମନାଥନ କହିଛନ୍ତି।

## ଚନ୍ଦ୍ର ପୃଷ୍ଠରେ ନିର୍ମାଣ ହେବ ମୋବାଇଲ ଟାୱାର

**ନୂଆଦିଲ୍ଲୀ :** ଜହ୍ନରେ ଘର କରିବାକୁ ସ୍ୱପ୍ନ ଦେଖଥିବା ମଣିଷ ପାଇଁ ବୋଧେ ଏହା ଖୁବ୍ ସତ୍ର ହେବାକୁ ଯାଉଛି। କାରଣ ଘର ନିର୍ମାଣ ପୂର୍ବରୁ ଚନ୍ଦ୍ର ପୃଷ୍ଠରେ ମୋବାଇଲ ଟାୱାର ନିର୍ମାଣ କରିବାକୁ ଅଣ୍ଟା ଭିଡିଛି ନାସା। ଆଉ ଏଥିପାଇଁ ନାସା ପକ୍ଷରୁ ବିଶ୍ୱର ଅଗ୍ରଣୀ ମୋବାଇଲ ନିର୍ମାତା ନୋକିଆକୁ ଦାୟିତ୍ୱ ଦିଆଯାଇଛି। ନୋକିଆ ପକ୍ଷରୁ କୁହାଯାଇଛି ଯେ, ଚନ୍ଦ୍ର ପୃଷ୍ଠରେ ପ୍ରଥମଥର ପାଇଁ ୪-ଜି ନେଟୱାର୍କ ସ୍ଥାପନ ପାଇଁ ଏବେ କମ୍ପାନୀ ପ୍ରସ୍ତୁତ ହେଉଛି। ନୋକିଆ ପକ୍ଷରୁ ଏଥିପାଇଁ ଏକ ବିଶାଳ ଯୋଜନା କରାଯାଇଛି। ଚନ୍ଦ୍ର ପୃଷ୍ଠରେ କିଭଳି ହାଲୁକା, ସ୍ୱଳ୍ପ କ୍ଷମତା ସମ୍ପନ୍ନ ଏଲଟିଇ ଟାୱାର ସ୍ଥାପନ କରିବ ସେଥିପାଇଁ ଯୋଜନା କରାଯାଉଛି। ଆସନ୍ତା ୨୦୨୨ ଶେଷ ବେଳକୁ ଏହି ଟାୱାର ନିର୍ମାଣ ସାରିବାକୁ ଲକ୍ଷ୍ୟ ରଖିଥିବା ବେଳେ ନୋକିଆ କହିଛି ଯେ, ଏମିତି ଟେକ୍ନୋଲୋଜି ବ୍ୟବହାର କରାଯିବ ଯାହା ଦ୍ୱାରା ରିମୋଟ ମାଧ୍ୟମରେ ରୋଭରକୁ ଦୂରରୁ ନିୟନ୍ତ୍ରଣ କରିହେବ। ସୂଚନାଥାଉ କି, ଗତ ସପ୍ତାହରେ ନୋକିଆର ଅନୁସନ୍ଧାନ ଟିମ୍ ବେଲ ଲ୍ୟାବ ନାସା ସହ ଚନ୍ଦ୍ରରେ ପ୍ରଥମ ୪-ଜି ଯୋଗାଯୋଗ ନେଟୱାର୍କ ନିର୍ମାଣ ପାଇଁ ୧୪.୧ ନିୟୁତ ଡଲାର ଚୁକ୍ତି କରିଥିଲା।



ଯାହାଦ୍ୱାରା ଭବିଷ୍ୟତରେ ଚନ୍ଦ୍ର ବାସିନ୍ଦାମାନେ ପରସ୍ପର ସହ କଥାବାର୍ତ୍ତା କରିପାରିବେ ଏବଂ ମେସେଜ ମଧ୍ୟ ପଠାଇ ପାରିବେ। ବଡକଥା ଯେ, ଚନ୍ଦ୍ରରେ ହେବାକୁ ଥିବା ଏହି ନେଟୱାର୍କକୁ ୫-ଜିକୁ ଅପଗ୍ରେଡ୍ କରିହେବ।

READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524



ଭୁବନେଶ୍ୱର, ୨୬ ଅକ୍ଟୋବର - ୧ ନଭେମ୍ବର, ୨୦୨୦

ଭୁବନେଶ୍ୱର ଡିସିପି ଅଫିସରେ କନଷ୍ଟେବଲଙ୍କ ବଦଳି ନହେବା ପ୍ରସଙ୍ଗ

# ଗଠିତ ହେଲା କମିଟି, କାର୍ଯ୍ୟାନୁଷ୍ଠାନ ଶୂନ



**ଭୁବନେଶ୍ୱର :** ଭୁବନେଶ୍ୱର ଡିସିପି ଅଫିସରେ ଦୀର୍ଘବର୍ଷ ଧରି କେତେକ କନଷ୍ଟେବଲ କାର୍ଯ୍ୟ କରୁଥିଲେ ବି ସେମାନଙ୍କ ବଦଳି ନ ହେବାକୁ ନେଇ ଅସନ୍ତୋଷ ଦେଖାଦେଇଛି । ଏନେଇ କର୍ମଚାରୀ ଓ ସାଧାରଣ ଲୋକଙ୍କ ମନରେ ସନ୍ଦେହ ସୃଷ୍ଟି ହେଉଛି ଯେ, କାହା କୃପାରୁ ଏହି କନଷ୍ଟେବଲମାନେ ଏଠାରେ ଗାଦି ମାଡି ବସିଛନ୍ତି । ଦୀର୍ଘବର୍ଷ ଗୋଟିଏ ସ୍ଥାନରେ କାର୍ଯ୍ୟ କଲେ କାର୍ଯ୍ୟରେ ସ୍ୱଚ୍ଛତା ନ ରହିବା ବିଷୟ ସମସ୍ତେ ଜାଣିଥିଲେ ବି ଏହି କନଷ୍ଟେବଲମାନଙ୍କ କ୍ଷେତ୍ରରେ ନିୟମକୁ କାହିଁକି କୋହଳ କରାଯାଉଛି ତାହା ଆଶ୍ଚର୍ଯ୍ୟ ଲାଗୁଛି । ଏନେଇ 'ଏକମାତ୍ର'ରେ ଖବର ପ୍ରକାଶ ପରେ ଭୁବନେଶ୍ୱର ପୋଲିସ କମିଶନର ଡିସିପି ଅଫିସ୍ କନଷ୍ଟେବଲଙ୍କ ବଦଳି ପାଇଁ ଏକ କମିଟି ଗଠନ କରିଥିଲେ । ହେଲେ ଏହି କମିଟି ଗଠନ ହେବା ପରେ ମଧ୍ୟ ଆଜିପର୍ଯ୍ୟନ୍ତ ଅଫିସରେ ଗାଦି ମାଡି ବସିଥିବା ସମ୍ପୃକ୍ତ କନଷ୍ଟେବଲ ମାନଙ୍କ ବଦଳି କରାଯାଉନାହିଁ । ଏହାପଛରେ କେଉଁ ବଡ ହାକିମଙ୍କ ହାତ ରହୁଛି ଯେଉଁଥିପାଇଁ ଛୋଟିଆ କର୍ମଚାରୀଙ୍କ ବଦଳି କରିବାକୁ ମଧ୍ୟ କଲମ ଚଳୁନାହିଁ । ପୋଲିସ ବିଭାଗ ବୋଧେ ଅନୁଭବ କରୁନାହିଁ ଯେ, ଦୀର୍ଘବର୍ଷ ଧରି ଏହି କନଷ୍ଟେବଲମାନେ ଗୋଟିଏ ସ୍ଥାନରେ କାମ କରୁଛନ୍ତି ବୋଲି । ଯଦି ଜାଣିପାରୁଛନ୍ତି ତେବେ କାର୍ଯ୍ୟାନୁଷ୍ଠାନ ବିଳମ୍ବ ହେବାର କାରଣ କ'ଣ ? ନିୟମ ଅନୁସାରେ ପୋଲିସ କନଷ୍ଟେବଲମାନଙ୍କର ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ବଦଳି କରାଯିବା କଥା । ଉପରିସ୍ଥ ଅଧିକାରୀମାନେ ଏହି ନିୟମ ଅନୁସରଣ କରି କାର୍ଯ୍ୟାଳୟରେ ସ୍ୱଚ୍ଛତା ଆଣିବାର ଧାରା ରହିଥିଲେ ବି ଡିସିପି ଅଫିସରେ ବଦଳି ଧାରାରେ ପରିବର୍ତ୍ତନ କିଏ କରୁଛି । ଠିକ୍ ସମୟରେ କର୍ମଚାରୀଙ୍କ ବଦଳି ନହେଲେ ମନମୁଖୀ କାର୍ଯ୍ୟ ଓ ଦୁର୍ନୀତିକୁ ରୋକାଯିବା ଭଳି କାର୍ଯ୍ୟ ହୋଇଥାଏ । ଯଦ୍ୱାରା ସରକାରୀ କାମରେ ସ୍ୱଚ୍ଛତା ଆସିବା ସହିତ ସମସ୍ତ କାର୍ଯ୍ୟ ସଠିକ୍ ରୂପେ ପରିଚାଳନା ହୋଇଥାଏ । ନୂତନ କର୍ମଚାରୀ ପୁରୁଣା ସ୍ଥାନ ଛାଡି ନୂଆ ସ୍ଥାନରେ କାର୍ଯ୍ୟରେ ଯୋଗଦେବା ଦ୍ୱାରା ତାଙ୍କର କାର୍ଯ୍ୟଧାରା ଅଧିକ ପ୍ରତିଫଳିତ ହେବା ସହିତ ବ୍ୟବସ୍ଥା ସୂଚାରୁରୂପେ ସମ୍ପାଦିତ ହେଉଥାଏ ବୋଲି ଜଣାପଡେ । ହେଲେ ଆଶ୍ଚର୍ଯ୍ୟର କଥା କମିଶନରେଟ୍ ପୋଲିସ ଗଠନ ହେବା ଠାରୁ ଭୁବନେଶ୍ୱର ଡିସିପି ଅଫିସରେ କିଛି କନଷ୍ଟେବଲ ଦୀର୍ଘବର୍ଷ ଧରି କାର୍ଯ୍ୟ କରୁଥିଲେ ସୁଦ୍ଧା ସେମାନଙ୍କ ବଦଳି କରାଯାଉନାହିଁ । ଡିସିପି ବଦଳୁଛନ୍ତି, ହେଲେ ବଦଳିପାରୁ ନାହାନ୍ତି ଏହି କନଷ୍ଟେବଲ । ବଡବଡିଆଙ୍କ କ୍ଷେତ୍ରରେ ନିୟମ ପାଳନ କରାଯାଉଥିଲା ବେଳେ କନଷ୍ଟେବଲଙ୍କ ବଦଳି କ୍ଷେତ୍ରରେ ନିୟମ କୋହଳ କାହିଁକି କରାଯାଉଛି ଏହାର କାରଣ ଜଣାପଡୁନି । ଖୋଦ୍ ରାଜ୍ୟ ମୁଖିଆଙ୍କ ହାତରେ ଗୃହ ବିଭାଗ ରହିଥିଲେ ବି ବିଭାଗୀୟ ବାବୁମାନେ ଆଉ କାହା ଚାପରେ ରହୁଛନ୍ତି ତାହା ଏବେ ସନ୍ଦେହ ସୃଷ୍ଟି କରୁଛି ।

ଜନଜାତିଙ୍କ ବିକାଶ ପାଇଁ କେନ୍ଦ୍ରୀୟ ଅନୁଦାନ ନେଇ ଧର୍ମେନ୍ଦ୍ରଙ୍କ ଟ୍ୱିଟ୍

# ୩ ବର୍ଷରେ ଓଡ଼ିଶାକୁ ମିଳିଛି ୧୬୫୬.୮ କୋଟି



**ଭୁବନେଶ୍ୱର :** ଓଡିଶାର ଜନଜାତି ତଥା ଅସୁବିଧାରେ କାଳାତିପାତ କରୁଥିବା ଅନ୍ୟାନ୍ୟ ସମ୍ପ୍ରଦାୟଙ୍କୁ ସଶକ୍ତ କରିବା ପାଇଁ ଗତ ତିନିବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାର ରାଜ୍ୟକୁ ୧୬୫୬.୮ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଅନୁଦାନ ଦେଇଛନ୍ତି ବୋଲି ଟ୍ୱିଟ୍ କରି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଦେଶରେ ଜନଜାତି ଜନସଂଖ୍ୟାର ବିକାଶ ପାଇଁ ନିରନ୍ତର ଉଦ୍ୟମ କରିବା ତଥା ବିଶେଷଭାବରେ ଓଡ଼ିଶାରେ ଜନଜାତି ସମ୍ପ୍ରଦାୟଙ୍କର ସାମୂହିକ ବିକାଶ ଏବଂ କଲ୍ୟାଣକୁ ନିଶ୍ଚିତ କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଅର୍ଜୁନ ମୁଣ୍ଡାଙ୍କୁ ଧନ୍ୟବାଦ ଜଣାଇଛନ୍ତି ଶ୍ରୀ ପ୍ରଧାନ । ଜନଜାତି ସଂପ୍ରଦାୟର ଛାତ୍ରଛାତ୍ରୀମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ପାଇଁ ଆବାସିକ ବିଦ୍ୟାଳୟ ପ୍ରତିଷ୍ଠା କରାଯାଉଥିବା ବେଳେ ବିଶେଷତଃ ଓଡ଼ିଶାର ଦୁର୍ଗମ ତଥା ମାଓ ଅଞ୍ଚଳରେ ସ୍ଥାପିତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ (ଇଏମଆରଏସ) ରାଜ୍ୟର କମ୍ ସ୍ୱାକ୍ଷରତା ଥିବା ଜିଲ୍ଲାରେ ଶିକ୍ଷା କ୍ଷେତ୍ରକୁ ମଜବୁତ୍ କରିବାରେ ଗେମ-ଚେଞ୍ଜର ଭାବେ ଉଭା ହୋଇପାରିଛି । ଗତ ତିନି ବର୍ଷରେ ୧୬,୭୦୦ ଜନଜାତି ଛାତ୍ରଛାତ୍ରୀ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟରେ ଶିକ୍ଷା ଲାଭ କରିଛନ୍ତି । ସେହିପରି ମାଟ୍ରିକ ପୂର୍ବବର୍ତ୍ତୀ ବୃତ୍ତି ଏବଂ ମାଟ୍ରିକ ପରବର୍ତ୍ତୀ ବୃତ୍ତି ଯୋଜନାରେ ରାଜ୍ୟ ଅନୁସୂଚିତ ଜନଜାତିର ୬.୩୬ ଲକ୍ଷ ଛାତ୍ରଛାତ୍ରୀ ଏବଂ ୫.୫୪ ଲକ୍ଷରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଉପକୃତ ହୋଇ ପାରିଛନ୍ତି । ଗତ ୩ ବର୍ଷ ମଧ୍ୟରେ ଓଡିଶାର ଅନୁସୂଚିତ ଜନଜାତି ବିଭାଗରୁ ୩.୩୭ ଲକ୍ଷରୁ ଅଧିକ ହିତାଧିକାରୀ ମୋଦି ସରକାରଙ୍କ 'ଏସଟି ମାନଙ୍କ କଲ୍ୟାଣ ପାଇଁ କାର୍ଯ୍ୟ କରୁଥିବା ସ୍ୱେଚ୍ଛାସେବୀ ସଂଗଠନ ଗୁଡିକୁ ଅନୁଦାନ ଦେଉଥିବା ବେଳେ ଅନେକ ଜନଜାତି ଅନ୍ୟାନ୍ୟ ଯୋଜନା ଅଧୀନରେ ଉପକୃତ ହୋଇଛନ୍ତି । ମୋଦି ସରକାର ଗରିବ ଏବଂ ଅସହାୟଙ୍କୁ ସମାନ ସୁଯୋଗ ପ୍ରଦାନ କରି ସେମାନଙ୍କର ସାମୂହିକ ବିକାଶ ସହ ଆତ୍ମନିର୍ଭର ଭାରତରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭରେ ଯୋଡ଼ିବା ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ।

# କରୋନାରୁ ଆରୋଗ୍ୟ ପାଇଁ ଆଡଭାଇଜରି ଜାରି



**ଭୁବନେଶ୍ୱର :** କରୋନାରୁ ସୁସ୍ଥ ହେଉଥିବା ଲୋକମାନଙ୍କର ସ୍ୱାସ୍ଥ୍ୟ ପ୍ରତି ବିପଦ ଆଶଙ୍କା ରହିଛି । ସେମାନେ ବିଭିନ୍ନ ପ୍ରକାରର ସ୍ୱାସ୍ଥ୍ୟଗତ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଯାହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର କରୋନାରୁ ସୁସ୍ଥ ହେଉଥିବା ବ୍ୟକ୍ତିମାନଙ୍କ ନିମନ୍ତେ ପରାମର୍ଶନାମା ଜାରି କରିବା ସହ କୋଭିଡ୍ ପରବର୍ତ୍ତୀ ପରିଚାଳନା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ସମସ୍ତ ଜିଲ୍ଲାପାଳ, ମ୍ୟୁନିସିପାଲ କମିଶନର, ସିଡିଏମ୍‌ଓ ଏବଂ ସମସ୍ତ ସରକାରୀ ମେଡିକାଲ କଲେଜର ଅଧିକ୍ଷକଙ୍କୁ ପରାମର୍ଶ ଦେଇଛନ୍ତି । କୋଭିଡ୍ ପରବର୍ତ୍ତୀ ପରିଚାଳନା ନିମନ୍ତେ ୧ ରୁ ୧୨ ସପ୍ତାହ ଯାଏ ସତର୍କ ରହିବା ପାଇଁ ବିଭିନ୍ନ ପ୍ରକାରର ସ୍ୱାସ୍ଥ୍ୟ ପରୀକ୍ଷା କରାଇବାକୁ ପରାମର୍ଶ ଦେଇଛନ୍ତି । ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ପିକେ ମହାପାତ୍ର ଏହି ଆଡଭାଇଜରି ଆଜି ଜାରି କରି କହିଛନ୍ତି ଯେ, ବର୍ତ୍ତମାନର କୋଭିଡ୍-୧୯ ମହାମାରୀ ପର୍ଯ୍ୟାୟରେ ହୋଇଥିବା କେତେକ ଗବେଷଣାରୁ ସ୍ୱାସ୍ଥ୍ୟ ପ୍ରତି ଏହାର ଦୀର୍ଘକାଳୀନ ପ୍ରଭାବ ରହୁଥିବା ଜଣାପଡିଛି । ହୃଦରୋଗ, ଶ୍ୱାସକ୍ରିୟା, ମସ୍ତିଷ୍କଜନିତ, ଅନ୍ତଃସ୍ରାବଜନିତ ସମସ୍ୟାର ଆଶଙ୍କା ରହୁଛି । କୋଭିଡ୍-୧୯ ସଂକ୍ରମଣରୁ ସୁସ୍ଥ ହେଉଥିବା ରୋଗୀମାନଙ୍କ ଶରୀରରେ ଅନେକ ପ୍ରକାରର ଲକ୍ଷଣ ଦେଖାଦେଉଛି । ଶରୀପୀଡା, ଗଳାରେ ସମସ୍ୟା, କାଶ, ନିଶ୍ୱାସପ୍ରଶ୍ୱାସରେ ସମସ୍ୟା, ହୃଦରୋଗ, ଆଘ୍ରାଣ ଶକ୍ତି ହ୍ରାସ, ଦୁଶ୍ଚିନ୍ତା, ଭୟ ଓ ଆଶଙ୍କା ଆଦି ସହ ମଧୁମେହ ଓ ଆଜମାରେ ଅସ୍ଥିରତା ଭଳି ସ୍ୱାସ୍ଥ୍ୟଗତ ସମସ୍ୟାର ଆଶଙ୍କା ରହିଛି । ଏହି କାରଣରୁ କରୋନାରୁ ସୁସ୍ଥ ହେଉଥିବା ଲୋକମାନଙ୍କୁ ନିୟମିତ ବ୍ୟାୟାମ କରିବା ପାଇଁ ସରକାର ପରାମର୍ଶ ଦେଇଛନ୍ତି । ମାସ୍କ, ହାତ ଧୋଇବା ଓ ସାମାଜିକ ଦୂରତ୍ୱକୁ ପାଳନ କରିବା ସହ ଉଷୁମ ପାଣି ପର୍ଯ୍ୟାପ୍ତ ପରିମାଣରେ ପିଇବାକୁ କୁହାଯାଇଛି । ଯଦି ଶରୀର ଅନୁମତି ଦେଉଛି ତା'ହେଲେ ଘରକରଣା କାର୍ଯ୍ୟ ଓ ପେଷାଦାର କାର୍ଯ୍ୟ ପର୍ଯ୍ୟାୟକ୍ରମେ କରିବା ଉଚିତ୍ । ସ୍ୱଳ୍ପ ଓ ମଧ୍ୟମ ବ୍ୟାୟାମ କରିବାକୁ ମଧ୍ୟ ସରକାର ପରାମର୍ଶ ଦେଇଛନ୍ତି । ସ୍ୱାସ୍ଥ୍ୟ ଯେତିକି ଅନୁମତି ଦେହ ସେହି ପରିମାଣରେ ଦୈନିକ ଯୋଗାସନ, ପ୍ରାଣାୟମ କରିବା ସହ ଡାକ୍ତରଙ୍କ ପରାମର୍ଶରେ ନିଶ୍ୱାସପ୍ରଶ୍ୱାସର ବ୍ୟାୟାମ ଏବଂ ଦୈନିକ ସକାଳ କିମ୍ବା ସଂଧ୍ୟାରେ ଚାଲିବାକୁ ମଧ୍ୟ କୁହାଯାଇଛି । ସନ୍ତୁଳିତ ଖାଦ୍ୟ ବିଶେଷକରି ରୋଷେଇ ହୋଇଥିବା ସୂକ୍ଷ୍ମ ଖାଦ୍ୟ ଖାଇବା ସହ ପର୍ଯ୍ୟାପ୍ତ ପରିମାଣର ନିଦ୍ରା, ମଦ ଓ ସିଗାରେଟ୍ ସେବନ ନ କରିବାକୁ ମଧ୍ୟ ପରାମର୍ଶ ଦିଆଯାଇଛି । ଲୋକମାନେ ନେଉଥିବା ମେଡିସିନ୍ ସମ୍ପର୍କରେ ଡାକ୍ତରଙ୍କୁ ସର୍ବଦା ଅବଗତ କରିବାକୁ କୁହାଯାଇଛି । ରୋଗୀ ସ୍ୱାସ୍ଥ୍ୟ ହେବାର ୪ ସପ୍ତାହ ପରେ ଯଦି ଆବଶ୍ୟକ ପଡେ, ତା'ହେଲେ ଛାତିର ଏକ୍ସରେ କରାଇବେ । ସେହିପରି ୧୨ ସପ୍ତାହ ପରେ କୋଭିଡ୍‌ରୁ ସୁସ୍ଥ ରୋଗୀ ଛାତି ଏକ୍ସରେ, ଅକ୍ସିଜେନ୍ ପରିମାଣ ଯାଞ୍ଚ, ପିଏଫଟି ଓ ଇକୋ କାର୍ଡିଓଗ୍ରାଫି କରିବାକୁ ପରାମର୍ଶ ଦେଇଛନ୍ତି ।

# ଏଣିକି ଅନ୍‌ଲାଇନ୍‌ରେ ରେସନ କାର୍ଡ

**ଭୁବନେଶ୍ୱର :** ସମସ୍ତଙ୍କ ପାଇଁ ଖାଦ୍ୟ ସୁରକ୍ଷା । ଜଣେ ବି ଗରିବ ଲୋକକୁ ମୁଁ ଖାଦ୍ୟ ସୁରକ୍ଷାରୁ ବଞ୍ଚିତ ହେବାକୁ ଦେବିନାହିଁ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏହି ବିଚାରଧାରାକୁ କାର୍ଯ୍ୟରେ ପରିଣତ କରି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଧାନ ସଂଗ୍ରହ ପଞ୍ଜିକରଣଠାରୁ ଆରମ୍ଭ କରି ରେସନ କାର୍ଡ ଆବେଦନ ପର୍ଯ୍ୟନ୍ତ ସବୁ କାର୍ଯ୍ୟ ପାଇଁ ଅନ୍‌ଲାଇନ୍ ବ୍ୟବସ୍ଥା ଆରମ୍ଭ କରିଛନ୍ତି । ଲୋକମାନେ ଏବେ ଘରେ ବସି ସବୁ ସୁବିଧା ପାଇପାରିବେ । ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଏହି କାର୍ଯ୍ୟର ଶୁଭାରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଏହାକୁ ସ୍ୱଚ୍ଛତା ଓ ଦକ୍ଷତା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ବର୍ଣ୍ଣନା କରିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରାଜ୍ୟ ସରକାର ଲୋକଙ୍କ ଖାଦ୍ୟ ସୁରକ୍ଷା ପାଇଁ ପ୍ରତିଶ୍ରୁତିବଦ୍ଧ । ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ସହିତ ରାଜ୍ୟ ସରକାର ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଏନ୍‌ଏସ୍‌ଏଫ୍‌ଏରୁ ବାଦ୍ ପଡିଥିବା ୨୫ଲକ୍ଷ ଲୋକଙ୍କୁ ସାମିଲ କରିଛନ୍ତି । ସାରା ରାଜ୍ୟରେ ସାଢ଼େ ତିନି କୋଟରୁ ଅଧିକ ଲୋକ ଖାଦ୍ୟ ସୁରକ୍ଷାରେ ସାମିଲ ହୋଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ସାରା ରାଜ୍ୟର ଲୋକ ଏହି ବିଭାଗ ସହିତ ସିଧାସଳଖ ଯୋଡି ହୋଇ ରହିଛନ୍ତି । ତେଣୁ ସାଧାରଣ ଲୋକ ପରିବର୍ତ୍ତନର ସୁଫଳ ଯେପରି ଠିକ୍ ଭାବରେ ପାଇପାରିବେ ସେଥିପାଇଁ ଅନ୍‌ଲାଇନ୍ ବ୍ୟବସ୍ଥା ସମ୍ପର୍କରେ ବ୍ୟାପକ ସଚେତନତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ମାସକ ମଧ୍ୟରେ କେତେ ଲୋକ ଏହି ଅନ୍‌ଲାଇନ୍ ସୁବିଧାର ବ୍ୟବହାର କଲେ, ସେ ସମ୍ପର୍କରେ ଜଣାଇବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ଏହି ଅବସରରେ ଖାଦ୍ୟ ସୁରକ୍ଷା ଦିଗରେ ଗତ ୨୦ ବର୍ଷ ମଧ୍ୟରେ ଓଡ଼ିଶାରେ ଯେଉଁ ବ୍ୟାପକ ପରିବର୍ତ୍ତନ ଆସିଛି, ସେ ସମ୍ପର୍କିତ ସମସ୍ତ ତଥ୍ୟ ସମ୍ବଳିତ ଏକ ପୁସ୍ତକ 'ମେକିଂ ଅଫ୍ ଏ ଫୁଡ୍ ସିକ୍ୟୋର ଓଡ଼ିଶା'କୁ ମୁଖ୍ୟମନ୍ତ୍ରୀ ଉନ୍ମୋଚିତ କରିଥିଲେ ।


# ମୋବାଇଲ୍‌ରେ ମିଳିବ ରେଳବାଇ ଚାକିରି ସମ୍ପର୍କିତ ତଥ୍ୟ

**ଭୁବନେଶ୍ୱର :** ରେଳବାଇ କର୍ମଚାରୀମାନଙ୍କ ସୁବିଧା ପାଇଁ ଏକ ମୋବାଇଲ ଆପ୍‌ର ଶୁଭାରମ୍ଭ ହୋଇଛି । ସେହି ଆପ୍ଲିକେସନଟି ହେଲା 'ଏଚ୍‌ଆର୍‌ଏମ୍‌ଏସ୍' ଆପ୍ । ଏହି ଆପ୍ଲିକେସନ ମାଧ୍ୟମରେ କର୍ମଚାରୀମାନେ ଚାକିରି ସମ୍ପର୍କିତ ସମସ୍ତ ତଥ୍ୟ ଓ ନଥିପତ୍ର ସହଜରେ ଦେଖିପାରିବେ । ଏମିତିକି ଆବଶ୍ୟକ ହେଲେ କୌଣସି ପରିବର୍ତ୍ତନ ପାଇଁ ପ୍ରଶାସନିକ ଅଧିକାରୀଙ୍କ ସହିତ ଏହା ଦ୍ୱାରା ଯୋଗାଯୋଗ ମଧ୍ୟ କରିପାରିବେ । ସୂଚନା ଅନୁଯାୟୀ, ଏହି ମୋବାଇଲ୍ ଆପ୍ଲିକେସନ୍ ମାଧ୍ୟମରେ ରେଳବାଇ କର୍ମଚାରୀମାନେ ରେଳବାଇରେ ଯୋଗଦେବା ତାରିଖରୁ ସେମାନଙ୍କ ସର୍ଭିସ୍‌ର ଇତିହାସ ତଥ୍ୟ ଦେଖିପାରିବେ । ଏହାସହ ତାଙ୍କର ବେତନ ବୃଦ୍ଧି, ପଦୋନ୍ନତି, ପୁରସ୍କାର, ସ୍ଥାନାନ୍ତର, ନୂତନ ପଦବୀରେ ଯୋଗଦେବା, ଛୁଟି, ତାଲିମ୍ ଏବଂ ରେକର୍ଡ ଅନୁଯାୟୀ ପରିବାରର ଗଠନ ଏବଂ ଅବସରକାଳୀନ ସୁବିଧା ପାଇଁ ପରିବାର ସଭ୍ୟ ଚୟନ ଇତ୍ୟାଦିକୁ ଦେଖିପାରିବା ସହିତ ଏହାର ସଂଶୋଧନ କରିବା ପାଇଁ ଯୋଗାଯୋଗ କରିପାରିବେ । ଏହି ପ୍ରୟୋଗ ରେଳ କର୍ମଚାରୀ ଏବଂ ପ୍ରଶାସନ ମଧ୍ୟରେ ଯୋଗାଯୋଗ ପାଇଁ ଏକକ ୱିଣ୍ଡୋ ବ୍ୟବସ୍ଥା ହୋଇପାରିବ । ପୂର୍ବତଟ ରେଳପଥର କର୍ମଚାରୀଙ୍କ ସେବା ରେକର୍ଡ ସହିତ ଜଡ଼ିତ ତଥ୍ୟର ଅନ୍ତର୍ଭୁକ୍ତ କରାଇବା ଏବଂ ଏହାର ବୈଧତାର ଏକ ବିସ୍ତୃତ ବ୍ୟାଖ୍ୟାୟନ କରାଯାଇପାରିବ । ରେଳ କର୍ମଚାରୀଙ୍କର ପ୍ରାୟ ୯୫% ସର୍ଭିସ୍ ତଥ୍ୟ ଏବେ ସୁଦ୍ଧା ଏହି ମଡ୍ୟୁଲରେ ଅନ୍ତର୍ଭୁକ୍ତ କରାଯାଇପାରିଛି । କର୍ମଚାରୀମାନଙ୍କର ପ୍ରୋଫାଇଲ୍ ଏବଂ ସେମାନଙ୍କର ସର୍ଭିସ ରେକର୍ଡର ସ୍କାନ୍ ହୋଇଥିବା କପିଗୁଡ଼ିକର ସୂଚନା ବ୍ୟତୀତ କର୍ମଚାରୀମାନେ ଇଏପିଆର୍ (ବାର୍ଷିକ ପ୍ରଦର୍ଶନ ମୂଲ୍ୟାଙ୍କନ ରିପୋର୍ଟ) ମଧ୍ୟ ଦେଖିପାରିବେ । ଏଚ୍‌ଆର୍‌ଏମ୍‌ଏସ୍ ଆପ୍ ଗୁଗୁଲ୍ ପ୍ଲେ-ଷ୍ଟୋରରେ ଉପଲବ୍ଧ ଅଟେ । ଭାରତୀୟ ରେଳବାଇ କର୍ମଚାରୀମାନେ ଏହି ଆପ୍ ବ୍ୟବହାର କରିପାରିବେ । ରେକର୍ଡଗୁଡ଼ିକ ଅନ୍ତର୍ଭୁକ୍ତ କରାଇବାକୁ କର୍ମଚାରୀମାନେ ସେମାନଙ୍କର ଓଟିପି ନମ୍ବର କିମ୍ବା ପ୍ରୋଭିଡେଣ୍ଟ ଫଣ୍ଡ ନମ୍ବର ପଞ୍ଜୀକରଣ କରିବା ଆବଶ୍ୟକ ।

# ମାନବ-ବନ୍ୟପ୍ରାଣୀ ସଂଘର୍ଷ କମାଇବାକୁ ଗଠନ ହେବ ଟାସ୍କଫୋର୍ସ

**ଭୁବନେଶ୍ୱର :** ମାନବ ଓ ବନ୍ୟପ୍ରାଣୀ ମଧ୍ୟରେ ସଂଘର୍ଷକୁ କମାଇବା ଉଦ୍ଦେଶ୍ୟରେ ରାଜ୍ୟସ୍ତରୀୟ ଟାସ୍କଫୋର୍ସ ଗଠନ କରାଯିବ । ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ) ଓ ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କ ଅଧ୍ୟକ୍ଷତାରେ ଗଠିତ ହେବାକୁ ଥିବା ଏହି ଟାସ୍କଫୋର୍ସରେ ମୋଟ ୧୮ ଜଣ ସଦସ୍ୟ ରହିବେ । ଆସନ୍ତା ୬ ସପ୍ତାହ ମଧ୍ୟରେ ଏହି ଟାସ୍କଫୋର୍ସ ମାଷ୍ଟରପ୍ଲାନ୍ ପ୍ରସ୍ତୁତ କରି ରାଜ୍ୟ ସରକାରଙ୍କୁ ପ୍ରଦାନ କରିବ । ରାଜ୍ୟ ସରକାରଙ୍କ ବିଧିବଦ୍ଧ ମଞ୍ଜୁରୀ ମିଳିବା ପରେ ଏହି ମାଷ୍ଟରପ୍ଲାନ୍ ଅନୁଯାୟୀ ଅର୍ଥବରାଦ କରାଯିବ ଏବଂ ଏହାକୁ ବିନିଯୋଗ କରି ଆଗାମୀ ୩ ବର୍ଷ ମଧ୍ୟରେ ମାନବ ଓ ବନ୍ୟପ୍ରାଣୀ ମଧ୍ୟରେ ସଂଘର୍ଷକୁ କମାଇବା ପାଇଁ ବହୁବିଧ ପଦକ୍ଷେପ ନିଆଯିବ ବୋଲି ଜଙ୍ଗଲ ଓ ପରିବେଶ, ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ସୂଚନା ଦେଇଛନ୍ତି । ଏହି ରାଜ୍ୟସ୍ତରୀୟ ଟାସ୍କଫୋର୍ସରେ ଦକ୍ଷିଣ-ପୂର୍ବ ରେଳବାଇ, ପୂର୍ବତଟ ରେଳବାଇର ପ୍ରତିନିଧି, ସେସୁ, ୱେସ୍କୋ, ନେସ୍କୋ ଓ ସାଉଥ୍-କୋର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଗଣ, ପୂର୍ତ୍ତ ବିଭାଗର ମୁଖ୍ୟଯନ୍ତ୍ରୀ (ରାସ୍ତା), ଜାତୀୟ ରାଜପଥ କର୍ତ୍ତୃପକ୍ଷ, ଓଡ଼ିଶାର ମୁଖ୍ୟ ସାଧାରଣ ପରିଚାଳକ (ସିଜିଏମ୍(ଟି) ଆଣ୍ଡ ଆର୍‌ଓ), ଅନୁଗୁଳ, ରାଉରକେଲା, ଭୁବନେଶ୍ୱରର ଆଞ୍ଚଳିକ ମୁଖ୍ୟ ବନସଂରକ୍ଷକ, ସେଭ୍ ଏଲିଫାଣ୍ଟ ଫାଉଣ୍ଡେସନ୍ ଟ୍ରଷ୍ଟ, ନ୍ୟୁଜ୍ ଅନୁଗୁଳ, ଓୟୁଏଟିର ଓଡ଼ିଶା ପଶୁଚିକିତ୍ସା ମହାବିଦ୍ୟାଳୟର ଅସ୍ତ୍ରୋପଚାର ଓ ରେଡ଼ିଓଲୋଜି ବିଭାଗର ମୁଖ୍ୟ ପ୍ରଫେସର ଡକ୍ଟର ଇନ୍ଦ୍ରମଣି ନାଥ, ଚନ୍ଦକା (ବନ୍ୟପ୍ରାଣୀ) ଡିଭିଜନ୍‌ର ଆଞ୍ଚଳିକ ବନଖଣ୍ଡ ଅଧିକାରୀ, ଅତିରିକ୍ତ ମୁଖ୍ୟ ବନସଂରକ୍ଷକ (ବନ୍ୟପ୍ରାଣୀ) ଏବଂ ସର୍ବୋଚ୍ଚ ଯନ୍ତ୍ରୀ, ପି ଆଣ୍ଡ ଡି, ଜଳସମ୍ପଦ ବିଭାଗ ଏହି ଟାସ୍କଫୋର୍ସର ସଦସ୍ୟ ରହିବେ । ଏହି କମିଟି ଚାହିଁଲେ ଅନ୍ୟ ଯେକୌଣସି ବ୍ୟକ୍ତିଙ୍କୁ ଟାସ୍କଫୋର୍ସର ସଦସ୍ୟ ଭାବେ ନେଇପାରିବେ ଓ ଯେକୌଣସି ବ୍ୟକ୍ତି ବା ଅନୁଷ୍ଠାନର ପରାମର୍ଶ ମଧ୍ୟ ଲୋଡ଼ିପାରିବେ । ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଏ ଦିଗରେ ଅର୍ଥରାଶି ଯୋଜନାବଦ୍ଧ ଓ ସମଯୋଜିତ ଢଙ୍ଗରେ ବିନିଯୋଗ ହେବା ଜରୁରୀ । କାମ୍ପା, ମହାତ୍ମା ଗାନ୍ଧୀ ନରେଗା, ଡିଏମ୍‌ଏଫ୍ ଆଦି ପାଣ୍ଠିରୁ ଏ ଦିଗରେ ଖର୍ଚ୍ଚ ହେଉଥିବା କାର୍ଯ୍ୟକ୍ରମ ଅଧିକ ଫଳପ୍ରଦ ହୋଇପାରିବ । ବନ୍ୟଜନ୍ତୁଙ୍କ ପାଇଁ ଆଶ୍ରୟସ୍ଥଳୀର ନିର୍ମାଣ ଓ ବିକାଶ, ଟ୍ରେଞ୍ଚ ଖନନ ଓ ସୁରକ୍ଷା ପଦକ୍ଷେପ, ଆଇଆଇସି ଅଭିଯାନ ଆଦି ସୁରୁଖୁରୁରେ ଚାଲିପାରିବ । ବନଖଣ୍ଡ ଅଧିକାରୀମାନେ ରେଳବାଇ, ଜାତୀୟ ରାଜପଥ, ଜଳସେଚନ, ବିଦ୍ୟୁତ ଯୋଗାଣ କମ୍ପାନୀମାନଙ୍କ ସହ ମାଷ୍ଟରପ୍ଲାନ୍‌ରେ ପ୍ରଦତ୍ତ ପଦ୍ଧତି ଅନୁସରଣ କରି ବନ୍ୟଜନ୍ତୁ ସୁରକ୍ଷା ଓ ମାନବ ଏବଂ ବନ୍ୟପ୍ରାଣୀ ମଧ୍ୟରେ ସଂଘର୍ଷକୁ କମାଇବା ସମ୍ବନ୍ଧୀୟ ପଦକ୍ଷେପକୁ ଅଧିକ ଶାଣିତ ଓ ଫଳପ୍ରସୂ କରିପାରିବେ । ସର୍କଲ, ଜିଲ୍ଲା ଓ ଡିଭିଜନସ୍ତରରେ ବିଶଦ ସମୀକ୍ଷା କରାଯାଇପାରିବ । ଟାସ୍କଫୋର୍ସ ପ୍ରସ୍ତୁତ ମାଷ୍ଟରପ୍ଲାନ୍ ମାନବ ଏବଂ ବନ୍ୟପ୍ରାଣୀ ମଧ୍ୟରେ ସଂଘର୍ଷକୁ କମାଇବା ସମ୍ବନ୍ଧୀୟ ପଦକ୍ଷେପ ପାଇଁ ଅର୍ଥ ବିନିଯୋଗ କ୍ଷେତ୍ରରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ବୋଲି ଜଙ୍ଗଲ ଓ ପରିବେଶ ବିଭାଗୀୟ ସୂତ୍ରରୁ ପ୍ରକାଶ ।

# ବିଦ୍ୟୁତ୍ ସେବା ଉପରେ ନଜର ରଖାଯିବ : ମୁଖ୍ୟମନ୍ତ୍ରୀ





**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ବିଦ୍ୟୁତ୍ ଉପଭୋକ୍ତା ସେବା ପୋର୍ଟାଲ 'ମୋ ବିଦ୍ୟୁତ୍' ଓ ମୋବାଇଲ୍ ଆପ୍‌ର ଲୋକାର୍ପଣ କରିଛନ୍ତି । ୫-ଟି ପଦକ୍ଷେପ ଅଧୀନରେ ଆରମ୍ଭ କରାଯାଇଥିବା ଏହି ଆପ୍ ମାଧ୍ୟମରେ ବିଦ୍ୟୁତ୍ ଗ୍ରାହକମାନେ ଅନଲାଇନ୍‌ରେ ବିଭିନ୍ନ ସେବା ଯଥା ବିଦୁତ୍ ସଂଯୋଗ ପାଇଁ ଆବେଦନ, ବିଲ୍ ପୈଠ, ବିଦ୍ୟୁତ୍ ସେବା ସମ୍ପର୍କିତ ଅଭିଯୋଗ ଦାଖଲ ଆଦି ପାଇପାରିବେ । କାର୍ଯ୍ୟକ୍ରମରେ ବକ୍ତବ୍ୟ ରଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ଯେ, ୫-ଟି ଅଧୀନରେ ଏହା ଆଉ ଏକ ପରିବର୍ତ୍ତନକାରୀ ପଦକ୍ଷେପ । ଏଣିକି ରାଜ୍ୟର ଜନସାଧାରଣ ଏହି ପୋର୍ଟାଲ/ମୋବାଇଲ୍ ଆପ୍ ମାଧ୍ୟମରେ ଏକ ଦକ୍ଷ, ସମୟଭିତ୍ତିକ ଓ ସ୍ୱଚ୍ଛ ଅନ୍‌ଲାଇନ୍ ସେବା ପାଇପାରିବେ ବୋଲି ସେ କହିଛନ୍ତି । ବିଦ୍ୟୁତ୍ ସେବା ଏଣିକି 'ମୋ ସରକାର' ଅଧୀନରେ ରହିବ ବୋଲି ଘୋଷଣା କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ଯେ, ବିଦ୍ୟୁତ୍ ଏକ ଜରୁରୀ ସେବା ଓ ଆଧୁନିକ ଜୀବନଧାରାରେ ଏହାର ଯଥେଷ୍ଟ ପ୍ରଭାବ ରହିଛି । ସେ ପୁଣି କହିଛନ୍ତି ଯେ, ମନ୍ତ୍ରୀ ଏବଂ ଉଚ୍ଚପଦସ୍ଥ ଅଧିକାରୀମାନେ ଗ୍ରାହକଙ୍କ ସମ୍ପର୍କରେ ରହି ସେମାନଙ୍କଠାରୁ ମତାମତ ସଂଗ୍ରହ କରିବେ ଏବଂ ଏହି ସେବାକୁ 'ମୋ ସରକାର' ଅଧୀନରେ ତଦାରଖ କରାଯିବ । ମୁଖ୍ୟମନ୍ତ୍ରୀ 'ମୋ ବିଦ୍ୟୁତ୍' ଏକ ସମନ୍ୱିତ ଦ୍ୱିଭାଷୀ ଅନ୍‌ଲାଇନ୍ ବିଦ୍ୟୁତ୍ ଉପଭୋକ୍ତା ସେବା ବୋଲି ସୂଚନା ଦେଇ କହିଥିଲେ ଯେ, ଏହାଦ୍ୱାରା ରାଜ୍ୟର ୮୯ଲକ୍ଷ ବିଦ୍ୟୁତ୍ ଉପଭୋକ୍ତା ଉପକୃତ ହେବେ । ମୁଖ୍ୟମନ୍ତ୍ରୀ ରାଜ୍ୟର ସମସ୍ତ ଉପଭୋକ୍ତା ଓ ଜନସାଧାରଣ ସେମାନଙ୍କର ବିଦ୍ୟୁତ୍ ସେବା ସମ୍ପର୍କିତ ସମସ୍ୟା ଗୁଡିକର ସରଳ, ସହଜ ଓ ତ୍ୱରିତ ସମାଧାନ ପାଇବା ପାଇଁ ଏହି ଅନ୍‌ଲାଇନ୍ ସେବା ବ୍ୟବସ୍ଥାକୁ ଉପଯୋଗ କରିବାକୁ ଅନୁରୋଧ କରିଛନ୍ତି । ସେ କହିଛନ୍ତି ଯେ, ଉପଭୋକ୍ତାମାନଙ୍କୁ ସୁବିଧା ଦେବା ପାଇଁ ବିକଶିତ କରାଯାଇଥିବା ଏହି ମୋବାଇଲ୍ ଆପ୍ ଖୁବ୍‌ଶୀଘ୍ର ଗୁଗୁଲ୍ ପ୍ଲେ ଷ୍ଟୋରରେ ଉପଲବ୍ଧ ହେବ । ଜନସାଧାରଣଙ୍କୁ ଉନ୍ନତ ମାନର ସେବା ଯୋଗାଇଦେବା ପାଇଁ ଶକ୍ତି ବିଭାଗ ଏହି ପରି ଅଧିକ ଫଳପ୍ରଦ ବ୍ୟବସ୍ଥା କାର୍ଯ୍ୟକାରୀ କରିବ ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଥିଲେ । ଏହି ଅବସରରେ ଶକ୍ତି ମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ର, ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର, ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପ୍ରମୁଖ ଶାସନ ସଚିବ ତଥା ଗ୍ରୀଡ୍‌କୋର ଅଧକ୍ଷ ଡ. ସୌରଭ ଗର୍ଗ ଓ ଶକ୍ତି ବିଭାଗର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ । ୫-ଟି ସଚିବ ଭିକେ ପାଣ୍ଡିଆନ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ ।

# ଶାସ୍ତ୍ରୀୟ ସଙ୍ଗୀତରେ 'ସୁନନ୍ଦା ସମ୍ମାନ'

**ଭୁବନେଶ୍ୱର :** ବିଶିଷ୍ଟ ଶାସ୍ତ୍ରୀୟ ସଙ୍ଗୀତ ଗାୟିକା ସ୍ୱର୍ଗତଃ ସୁନନ୍ଦା ପଟ୍ଟନାୟକଙ୍କ ନାମରେ ରାଜ୍ୟର ଜଣେ ଶାସ୍ତ୍ରୀୟ ସଙ୍ଗୀତଜ୍ଞଙ୍କୁ ସୁନନ୍ଦା ସମ୍ମାନ ପ୍ରଦାନ କରାଯିବ । ଓଡ଼ିଶା ସଂଗୀତ ନାଟକ ଏକାଡେମୀ ପକ୍ଷରୁ ଏହି ପୁରସ୍କାର ପ୍ରଦାନ କରାଯିବ । ପୁରସ୍କାର ବାବଦରେ ୨ ଲକ୍ଷ ୫୦ ହଜାର ଟଙ୍କା ଦିଆଯିବ । ପୂର୍ବରୁ ଏନେଇ ଘୋଷଣା ହୋଇଥିବା ବେଳେ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ 'ସୁନନ୍ଦା ସମ୍ମାନ' ବାବଦ ଅର୍ଥରାଶି ପାଇଁ ଅନୁମୋଦନ କରିଛନ୍ତି । ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତ ଜଗତର ସୁନାମଧନ୍ୟ ଶାସ୍ତ୍ରୀୟ ସଂଗୀତଜ୍ଞ ସୁନନ୍ଦା ପଟ୍ଟନାୟକଙ୍କ ସ୍ମୃତିରେ ସୁନନ୍ଦା ସମ୍ମାନ ଓ ଗୁରୁମା ସୁନନ୍ଦା ପଟ୍ଟନାୟକ ଚେୟାର ପ୍ରତିଷ୍ଠା କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ । ସଙ୍ଗୀତ ସାମ୍ରାଜ୍ଞୀ ସୁନନ୍ଦାଙ୍କ ପରଲୋକ ପରେ ଶ୍ରଦ୍ଧାଞ୍ଜଳି ଜଣାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟ ନାୟକ ଏହି ଘୋଷଣା କରିଥିଲେ । ଶାସ୍ତ୍ରୀୟ ସଙ୍ଗୀତରେ ଉଲ୍ଲେଖନୀୟ ଅବଦାନ ପାଇଁ ରାଜ୍ୟରେ ଶାସ୍ତ୍ରୀୟ ସଙ୍ଗୀତ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଜଣେ ବିଶିଷ୍ଟ ବ୍ୟକ୍ତିଙ୍କୁ ପ୍ରତିବର୍ଷ ସୁନନ୍ଦା ସମ୍ମାନ ପ୍ରଦାନ କରାଯିବ । ସେହିପରି ଶାସ୍ତ୍ରୀୟ ସଙ୍ଗୀତରେ ଉଚ୍ଚତର ଗବେଷଣ ଓ ଶିକ୍ଷା ପାଇଁ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଗୁରୁମା ସୁନନ୍ଦା ପଟ୍ଟନାୟକ ଚେୟାର ପ୍ରତିଷ୍ଠା କରାଯିବ । ପୁରୀ ଓ କଟକରେ ଥିବା ତାଙ୍କ ବାସଭବନକୁ ତାଙ୍କ ପରିବାରଙ୍କ ଅନୁମତିରେ ସ୍ମୃତି ସଦନ ଭାବେ ବିକଶିତ କରାଯିବ । ସ୍ୱର୍ଗତ କଣ୍ଠଶିଳ୍ପୀଙ୍କ ଦ୍ୱାରା ବ୍ୟବହୃତ ବାଦ୍ୟଯନ୍ତ୍ର ଓ ଅନ୍ୟାନ୍ୟ ସାମଗ୍ରୀକୁ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପରିସରରେ ଏକ ସ୍ୱତନ୍ତ୍ର ଗ୍ୟାଲେରୀରେ ସଂରକ୍ଷିତ କରି ରଖିବା ପାଇଁ ବ୍ୟବସ୍ଥା କରାଯିବ । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପ୍ରତିବର୍ଷ ସ୍ୱର୍ଗତ ପଟ୍ଟନାୟକଙ୍କ ଜୟନ୍ତୀ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରରେ ପାଳନ କରାଯିବ ବୋଲି ଘୋଷଣା ହୋଇଥିଲା । ସବୁଜ ଯୁଗର ପ୍ରଖ୍ୟାତ କବି ବୈକୁଣ୍ଠନାଥ ପଟ୍ଟନାୟକଙ୍କ ଝିଅ ସୁନନ୍ଦା ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତରେ ଜଣେ ନିପୁଣା କଣ୍ଠଶିଳ୍ପୀ ଥିଲେ । ବିଧିବଦ୍ଧ ସଙ୍ଗୀତ ଶିକ୍ଷା ନ କରି ମଧ୍ୟ ପିଲାଦିନୁ ଗୀତ ଶୁଣି ଶୁଣି ସେ ଗାଉଥିଲେ ଓ ପରବର୍ତ୍ତୀ ସମୟରେ ସଙ୍ଗୀତ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ । ୨୦୨୦ ଜାନୁୟାରୀ ୧୯ରେ ୮୫ବର୍ଷ ବୟସରେ ଏହି ଖ୍ୟାତନାମା କଣ୍ଠଶିଳ୍ପୀଙ୍କର ପରଲୋକ ହୋଇଥିଲା ।

ସୁଖ ପାଖରେ ଜ୍ଞାନ ନଥାଏ। ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ।



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର



*ଯା ଶ୍ରୀଃ ସ୍ୱୟଂ ସୁକୃତିନାଂ ଭବନେଷ୍ୱଲକ୍ଷ୍ମୀଃ*
*ପାପାତ୍ମନାଂ କୃତଧିୟାଂ ହୃଦୟେଷୁ ବୁଦ୍ଧିଃ।*
*ଶ୍ରଦ୍ଧା ସତାଂ କୁଳଜନପ୍ରଭବସ୍ୟ ଲଜ୍ଜା*
*ତାଂ ତ୍ୱାଂ ନତାଃ ସ୍ମ ପରିପାଳୟ ଦେବୀ ବିଶ୍ୱମ୍।।*

ଭୁବନେଶ୍ୱର, ୨୬ ଅକ୍ଟୋବର - ୧ ନଭେମ୍ବର, ୨୦୨୦

# ୭୫ ବର୍ଷରେ ଜାତିସଂଘ

**କ୍ୟାପ୍‌ଟେନ ସୁଶୀଲ କୁମାର ସେନାପତି**

ବିଶ୍ୱ ଶାନ୍ତି ପ୍ରତିଷ୍ଠା ପାଇଁ ଜାତିସଂଘର ସୃଷ୍ଟି। ପ୍ରତି ବର୍ଷ ଅକ୍ଟୋବରା ୨୦-୨୬ ତାରିଖ ପର୍ଯ୍ୟନ୍ତ ପାଳନ କରାଯାଏ ଜାତି ସଂଘ ସପ୍ତାହ ଏବଂ ଅକ୍ଟୋବର ୨୪ରେ ଜାତି ସଂଘ ଦିବସ। ୧୯୪୮ରେ ଜାତି ସଂଘର ସାଧାରଣ ପରିଷଦ ଏହି ଦିନକୁ ଜାତସଂଘ ସନନ୍ଦର ଜନ୍ମ ବାର୍ଷିକୀ ଭାବେ ପାଳନ କରିବା ପାଇଁ ଘୋଷଣା କରିଥିଲା। ଏହା ଜାତି ସଂଘ ଦ୍ୱାରା ଘୋଷିତ ଏକ ଅନ୍ତର୍ଜାତୀୟ ଛୁଟି ଦିବସ। ୧୯୭୨ରୁ ଏହି ଦିନରେ ମଧ ପାଳିତ ହେଉଛି ଜାତିସଂଘର ବିଶ୍ୱ ବିକାଶ ସୂଚନା ଦିବସ। ଏହି ଅବସରରେ ଜାତି ସଂଘ ସଂପର୍କରେ କିଛି ତଥ୍ୟ ଏହାର ଶାନ୍ତି ସେନାର ସୈନିକ ସଂଖ୍ୟା ୧୧୭୦୦୦। ସଂପ୍ରତି ଚାରିଟି ମହାଦେଶରେ ସେମାନେ ଶାନ୍ତି ରକ୍ଷା କାର୍ଯ୍ୟରେ ନିୟୋଜିତ। ଶାନ୍ତି ସେନାର ବଜେଟ ନଗଣ୍ୟ ବିଶ୍ୱର ମୋଟ ପ୍ରତିରକ୍ଷା ବ୍ୟୟର ୦.୫ ପ୍ରତିଶତରୁ କମ୍। ଜାତିସଂଘର ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ମାଧମରେ ଅଶୀଟି ଦେଶର ଆଠ କୋଟି ଲୋକ ଉପକୃତ ହେଉଛନ୍ତି। ଜାତିସଂଘ ମାଧମରେ ପ୍ରତିବର୍ଷ ପ୍ରାୟ ଦଶ ଲକ୍ଷ ମହିଳାଙ୍କର ଗର୍ଭଧାରଣ ଜନିତ ଜଟିଳତା ଦୂର ହେଉଛି। ବିଶ୍ୱର ୪୫ ପ୍ରତିଶତ ଶିଶୁ ବିଭିନ୍ନ ପ୍ରତିଷେଧକ ଟିକାର ସୁବିଧା ପାଉଛନ୍ତି। ଏହା ୬୭ଟି ଦେଶରେ ନିରପେକ୍ଷ ନିର୍ବାଚନ ପାଇଁ ସହାୟତା ଯୋଗାଉଛି।

୧୯୪୫ ଅକ୍ଟୋବର ୨୪ ତାରିଖରେ ପ୍ରତିଷ୍ଠା ହୋଇଥିଲା ମିଳିତ ଜାତିସଂଘ। ପ୍ରତିଷ୍ଠା ହେବା ସମୟରେ ଏହାର ମେମ୍ବର ସଂଖ୍ୟା ଥିଲା ୫୧ ଯାହା ଏବେ ବୃଦ୍ଧିପାଇ ୧୯୩ରେ ପହଞ୍ଚିଛି। ମିଳିତ ଜାତିସଂଘର ହେଡ୍‌କ୍ୱାର୍ଟର ରହିଛି ନ୍ୟୁୟର୍କ ସହରର ମାନହାଟନ୍‌ରେ। ମିଳିତ ଜାତିସଂଘର ୬ଟି ମୁଖ୍ୟ ଗୁରୁତ୍ୱପୂର୍ଣ୍ଣ ବିଭାଗ ହେଉଛି ଦ ଜେନେରାଲ ଆସେମ୍ବ୍ଲି, ଦ ସିକ୍ୟୁରିଟି କାଉନସିଲ, ଦ ଇକୋନୋମିକ୍ ଆଣ୍ଡ ସୋସିଆଲ କାଉନ୍‌ସିଲ, ଦ ସେକ୍ରେଟାରିଏଟ୍, ଦ ଇଣ୍ଟରନ୍ୟାସନାଲ କୋର୍ଟ ଅଫ୍ ଜଷ୍ଟିସ, ଦ ୟୁନାଇଟେଡ୍ ନେସନ୍‌ସ ଟ୍ରଷ୍ଟିସିପ୍ କାଉନସିଲ (ଏହା ୧୯୯୪ ମସିହାର ଠାରୁ ନିଷ୍କ୍ରିୟ)। ୟୁନଏନ୍ ସିଷ୍ଟମ ଏଜେନ୍ସି ସହ ସଂଶ୍ଲିଷ୍ଟ ଅଟେ ୱାର୍ଲ୍ଡ ବ୍ୟାଙ୍କ ଗ୍ରୁପ, ୱାର୍ଲ୍ଡ ହେଲଥ ଅର୍ଗାନାଇଜେସନ୍, ୱାର୍ଲ୍ଡ ଫୁଡ୍ ପ୍ରୋଗ୍ରାମ୍, ୟୁନେସ୍କୋ ଏବଂ ୟୁନିସେଫ୍। ଏଇ ନିକଟରେ ଅକ୍ଟୋବର ୨୪ ତାରିଖରେ ଜାତିସଂଘ ଏହାର ୭୫ତମ ଜନ୍ମବାର୍ଷିକ ପାଳନ କରିବାକୁ ଯାଉଛି ଏବଂ ଏହି ୭୫ବର୍ଷ ଭିତରେ ଜାତିସଂଘ ଅନେକ କୃତିତ୍ୱ ହାସଲ କରିଛି ଏବଂ ଏହିସବୁ କୃତିତ୍ୱ ଗୁଡ଼ିକ ହେଉଛି -

ୟୁଏନ୍ ଚାର୍ଟର ୧୯୪୫ ମସିହାରେ ୫୦ଟି ଦେଶ ୟୁଏନ୍ ଚାର୍ଟର ସାଇନ କରି ୨୪ ଅକ୍ଟୋବରରେ ୟୁନାଇଟେଡ୍ ନେସନ ଲଞ୍ଚ କରିଥିଲେ। ଆଟମିକ୍ ଏନର୍ଜି / ପାରମାଣବିକ ଶକ୍ତି ୧୯୪୬ ମସିହାରେ ଜେନେରାଲ ଆସେମ୍ବ୍ଲି ଲଣ୍ଡନରେ ଏହାର ପ୍ରଥମ ପ୍ରସ୍ତାବ ଅନୁମୋଦନ କରିଥିଲା ଯାହା ଥିଲା ପାରମାଣବିକ ଶକ୍ତିର ଆବିଷ୍କାରରେ ଦେଖା ଯାଉଥବା ସମସ୍ୟା ସହ ଡିଲ୍ କରିବା ପାଇଁ ଏକ କମିସନ ପ୍ରତିଷ୍ଠା କରିବା। ୟୁଏନ୍ ଡେ' ଜାତିସଂଘ ଦିବସ ୧୯୪୭ ମସିହା ଅକ୍ଟୋବର ୨୪ ତାରିଖରେ ୟୁନାଇଟେଡ ନେସନ୍‌ସ ଡେ' ଜେନେରାଲ ଆସେମ୍ବ୍ଲି ଦ୍ୱାରା ଅଫିସିଆଲ ଚିହ୍ନିତ ହେଲା। ହ୍ୟୁମାନ୍ ରାଇଟସ୍ ୧୯୪୮ ମସିହା ଡିସେମ୍ବର ୧୦ ତାରିଖରେ ପ୍ୟାରିସ୍‌ରେ ଜେନେରାଲ ଆସେମ୍ବ୍ଲି ସାର୍ବଜନୀନ ଭାବେ ମାନବିକ ଅଧିକାରକୁ ଅନୁମୋଦିତ କରିଥିବା ଘୋଷଣା କରିଥିଲା। ପାଲେଷ୍ଟିନିଆନ୍ ଶରଣାର୍ଥୀ ଇସ୍ରାଏଲ ସହ ୧୯୪୮ ଯୁଦ୍ଧପରେ ଜାତିସଂଘ ୧୯୪୯ ମସିହାରେ ପାଲେଷ୍ଟିନିଆନ୍ ଶରଣାର୍ଥୀ ମାନଙ୍କ ପାଇଁ ଏକ ଏଜେନ୍ସି ଗଠନ କରିଥିଲା। କୋରିଆ ଦକ୍ଷିଣ କୋରିଆରୁ ଉତ୍ତର କୋରିଆ ଗୋଷ୍ଠୀଙ୍କୁ ବାହାର କରିବା ପାଇଁ ଜାତିସଂଘ ୧୬ଟି ଦେଶର ସହାୟତାରେ ଏକ ଆନୁଷ୍ଠାନିକ ପ୍ରସ୍ତାବ ଗ୍ରହଣ କରିଥିଲା। ଶରଣାର୍ଥୀ ବୈଠକ ସ୍ଥାନାନ୍ତରିତ ହୋଇଥିବା ବ୍ୟକ୍ତିମାନଙ୍କୁ ସୁରକ୍ଷା ଦେବା ପାଇଁ ଜାତିସଂଘ ଏକ ଶରଣାର୍ଥୀ ବୈଠକକୁ ଅନୁମୋଦିତ କରିଥିଲେ। ୧୯୫୨ ମସିହାରେ ଜାତିସଂଘ ନିରସ୍ତ୍ରୀକରଣ କମିଶନ ସୃଷ୍ଟି କରିଲା। ୧୯୫୩ ମସିହାରେ କୋରିଆ ଯୁଦ୍ଧର ଶେଷ ପାଇଁ ଜାତିସଂଘ ଏକ ସମାଧାନମୂଳକ ଆଲୋଚନା କରିଥିଲା। ୟୁଏନ୍ ହାଇ କମିଶନର ଫର ରିଫ୍ୟୁଜିସ୍ ପ୍ରତିଷ୍ଠା ହେଲା ୧୯୫୧ ମସିହାରେ ଯାହା ୟୁରୋପ୍ ଏବଂ ମଧ୍ୟପୂର୍ବରେ ଏହାର କାର୍ଯ୍ୟପାଇଁ ନୋବେଲ ଶାନ୍ତି ପୁରସ୍କାର ହାସଲ କରିଛି। ୧୯୫୫ ମସିହାରେ ଜାତିସଂଘ ଆୟରଲାଣ୍ଡ, ଇଟାଲି, ଲିବିୟା, କମ୍ବୋଡିଆ ଏବଂ ସ୍ପେନ୍ ସମେତ ୧୬ଟି ନୂଆ ଦେଶକୁ ସ୍ୱୀକାର କରିଥିଲା। ୧୯୫୬ ମସିହାରେ ସୁଏଜ୍ କ୍ରାଇସିସ୍‌ର ଶେଷପାଇଁ ଜାତିସଂଘ ଏହାର ପ୍ରଥମ ଶାନ୍ତିରକ୍ଷାକାରୀ ସୈନ୍ୟଦଳଙ୍କୁ ନିୟୋଜିତ କରିଥିଲା। ପରମାଣୁ ଶକ୍ତି କ୍ଷେତ୍ରରେ ଇଣ୍ଟରନ୍ୟାସନାଲ ଆଟମିକ ଏନର୍ଜି ଏଜେନ୍ସିକୁ ଜାତିସଂଘ ପ୍ରଥମ ବିଚାରକ ହେବାର ସ୍ୱୀକୃତି ପ୍ରଦାନ କରିଥିଲା। ସାରା ବିଶ୍ୱରେ ବିଭିନ୍ନ ଡେଭେଲପ୍‌ମେଣ୍ଟ ପ୍ରୋଜେକ୍ଟ ଆରମ୍ଭ କରିବା ପାଇଁ ୟୁଏନ ସ୍ପେସାଲ ଫଣ୍ଡ ପ୍ରତିଷ୍ଠା ହେଲା। ୧୯୫୯ ମସିହାରେ ଜାତିସଂଘ ଶିଶୁ ଅଧିକାରକୁ ଅନୁମୋଦନ ପ୍ରଦାନ କରି ଏହାର ସାର୍ବଜନୀନ ଘୋଷଣା କରିଥିଲା। ୧୯୬୦ ମସିହାରେ ଜାତିସଂଘ ସାରା ବିଶ୍ୱରେ ଉପନିବେଶବାଦର ଶେଷ ହେବାର ଆବଶ୍ୟକତାକୁ ଘୋଷଣା କରିଥିଲା। ୧୯୬୧ ମସିହାରେ ଜାତିସଂଘ ଆରମ୍ଭ କରିଲା ୱାର୍ଲ୍ଡ ଫୁଡ୍ ପ୍ରୋଗ୍ରାମ। କ୍ୟୁବାନ୍ ମିସାଇଲ କ୍ରାଇସିସ୍ ସମୟରେ ଯୁକ୍ତରାଷ୍ଟ୍ର ଆମେରିକା ଏବଂ ଋଷ ମଧ୍ୟରେ ୟୁଏନ୍ ସେକ୍ରେଟାରୀ ଜେନେରାଲ ୟୁ ଥାଣ୍ଟ ମେଡ଼ିଏଟର ଭାବେ କାର୍ଯ୍ୟ କରିଥିଲେ। ୯୬୫ ମସିହାରେ ୟୁନାଇଟେଡ ନେସନ୍‌ସ ଚିଲ୍ଡ୍ରେନ୍ ଫଣ୍ଡ ଶିଶୁ ଜନମଙ୍ଗଳ କାର୍ଯ୍ୟପାଇଁ ନୋବେଲ ପିସ୍ ପ୍ରାଇଜ ଘୋଷଣା କଲା। ସାଂସ୍କୃତିକ ଐତିହ୍ୟରେ ବେଆଇନ ବାଣିଜ୍ୟ ବନ୍ଦ କରିବା ପାଇଁ ମିଳିତ ଜାତିସଂଘ ଆନୁଷ୍ଠାନିକ ବୈଠକକୁ ସମ୍ମତି ପ୍ରଦାନ କରିଥିଲେ। ୧୯୭୧ ମସିହାରେ କର୍ଟ ୱାଲଧେଇମ୍ ଜେନେରାଲ ସେକ୍ରେଟାରୀ ଭାବେ ନିଯୁକ୍ତି ପାଇଲେ। ୧୯୭୨ ମସିହାରେ ପ୍ରଥମ ୟୁଏନ୍ ଏନଭାର୍ଣ୍ଣମେଣ୍ଟ କନଫରେନ୍ସ ଅନୁଷ୍ଠିତ ହେଲା ଷ୍ଟକହମ୍‌ରେ। ୧୯୭୫ ମସିହାରେ ମହିଳାଙ୍କ ଉପରେ ପ୍ରଥମ ଜାତିସଂଘ ସମ୍ମିଳନୀ ଅନୁଷ୍ଠିତ ହେଲା ମେକ୍ସିକୋ ସହରରେ। ସହରୀକରଣ ଉପରେ ପ୍ରଥମ ଜାତିସଂଘ ସମ୍ମିଳନୀ ଅନୁଷ୍ଠିତ ହେଲା ୧୯୭୬ ମସିହାରେ। ୧୯୭୯ ମସିହାରେ ମହିଳାଙ୍କ ବିରୁଦ୍ଧରେ ହେଉଥିବା ପକ୍ଷପାତିତାକୁ ହଟାଇବା ପାଇଁ ଜେନେରାଲ ଆସେମ୍ବ୍ଲି ଏକ ପ୍ରସ୍ତାବ ଅନୁମୋଦନ କରିଥିଲା। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ୧୩ବର୍ଷର ଚେଷ୍ଟା ବଳରେ ୧୯୮୦ ମସିହାରେ ବସନ୍ତ ରୋଗକୁ ସମ୍ପୂର୍ଣ୍ଣ ହଟାଇ ଦିଆଗଲା। ଏସିଆରେ ଶରଣାର୍ଥୀମାନଙ୍କୁ ଏବଂ ନିର୍ଦ୍ଦିଷ୍ଟ ଭାବେ ଭିଏତନାମ୍‌ର ଶରଣାର୍ଥୀମାନଙ୍କୁ ସହଯୋଗ କରିବା ପାଇଁ ୟୁଏନ୍‌ଏଚସିଆର ନୋବେଲ ପ୍ରାଇଜ ଜିତିଥିଲା।

ସାମୁଦ୍ରିକ ପରିବେଶରେ ସୁରକ୍ଷା ପାଇଁ ଜାତିସଂଘ ୧୯୮୨ ମସିହରେ ସମ୍ବିଧାନକୁ ସମର୍ଥନ କରିଥିଲା। ୧୯୮୪ ମସିହାରେ ସେକ୍ରେଟାରି ଜେନେରାଲ କାଭିୟର ପେରେଜ ଡେ କୁଏଲାର ଫେମାଇନ ରିଲିଫ ଏଫୋର୍ଟକୁ ସାହାଯ୍ୟ କରିବା ପାଇଁ ଏକ ଆଫ୍ରିକାରେ ଏମର୍ଜେନ୍ସି ଅପରେସନ ଉଦ୍ଦେଶ୍ୟରେ ଏକ ୟୁଏନ୍ ଅଫିସ ପ୍ରତିଷ୍ଠା କରିଥିଲେ। ପ୍ରତିବର୍ଷ ୩.୫ ମିଲିଅନ ଲୋକଙ୍କୁ ଆକ୍ରାନ୍ତ କରୁଥିବା ଗିନିଆ ୱର୍ମ ରୋଗକୁ ସମ୍ପୂର୍ଣ୍ଣ ନାଶ କରିବା ପାଇଁ ୧୯୮୬ ମସିହାରେ ଜାତିସଂଘ ଦୃଢ଼ ନିଷ୍ପତ୍ତି ନେଇଥିଲା। ୧୯୮୭ ମସିହାରେ ଓଜୋନ ସ୍ତରକୁ ସୁରକ୍ଷା ଦେବା ପାଇଁ ଏକ ଚୁକ୍ତି ସ୍ୱାକ୍ଷର ହେଲା। ୧୯୯୨ ମସିହାରେ ରିଓ ଡି ଜେନେରୋରେ ହୋଇଥିବା ଆର୍ଥ ସମିତିରେ ୧୦୦ରୁ ଊର୍ଦ୍ଧ୍ୱ ଦେଶର ନେତାମାନେ ଅଂଶ ଗ୍ରହଣ କରିଥିଲେ। ଇତିହାସରେ ଏହା ହେଉଛି ସବୁଠାରୁ ବୃହତ୍ତମ ଇଣ୍ଟରଗଭର୍ଣ୍ଣମେଣ୍ଟାଲ ଗ୍ୟାଦରିଙ୍ଗ। ୧୯୯୭ ମସିହାରେ କ୍ୟୋଟୋ ପ୍ରୋଟୋକଲ ଅନୁମୋଦିତ ହେଲା। ଗରିବି, ରୋଗ, ଶିଶୁ ଏବଂ ମାତୃମୃତ୍ୟୁ, ଏଚ୍‌ଆଇଭି ଆଦିକୁ ଟ୍ୟାକେଲ କରିବା ପାଇଁ ୨୦୦୦ ମସିହାରେ ଜାତିସଂଘ ଲଞ୍ଚ କରିଲା ମିଲେନିୟମ ଡେଭେଲପମେଣ୍ଟ ଗୋଲ୍‌ସ। ବାଗଦାଦ୍‌ରେ ୟୁଏନ ହେଡକ୍ୱାର୍ଟର ଟେରରିଷ୍ଟ ଆଟାକ୍‌ର ଟାର୍ଗେଟରେ ରହିଥିଲା ଏବଂ ଏହାଦ୍ୱାରା ୨୨ଜଣଙ୍କର ମୃତ୍ୟୁ ହୋଇଥିଲା। ୨୦୦୫ ମସିହାରେ ଇଣ୍ଟରନ୍ୟାସନାଲ ଆଟମିକ ଏନର୍ଜି ଏଜେନ୍ସି ନୋବେଲ ଶାନ୍ତି ପୁରସ୍କାର ହାସଲ କରିଥିଲା। ୨୦୦୬ ମସିହାରେ କାମ୍ବୋଡିଆରେ ପ୍ରତିଷ୍ଠା ହେଲା ୟୁଏନ୍ ଆସିଷ୍ଟେଡ୍ ଟ୍ରିବ୍ୟୁନାଲ୍। ୨୦୧୦ରେ ଲିଙ୍ଗ ବୈଷମ୍ୟ ଦୂର କରିବା ପାଇଁ ଏବଂ ନାରୀ ସଶକ୍ତିକରଣ ପାଇଁ ଜେନେରାଲ ଆସେମ୍ବ୍ଲି ସୃଷ୍ଟି କରିଲା ୟୁଏନ୍ ଓମେନ୍ ଏଜେନ୍ସି। ୨୦୧୧ ମସିହାରେ ଟ୍ୟୁନିସିଆର ପ୍ରଥମ ପରବର୍ତ୍ତୀ ରିଭୋଲ୍ୟୁସନ୍ ଇଲେକସନ ପାଇଁ ଜାତିସଂଘ ସହାୟତା ପ୍ରଦାନ କରିଥିଲା। ୨୦୧୩ ମସିହାରେ ଦକ୍ଷିଣ ସୁଦାନ୍‌ରେ ହଠାତ୍ ସିଭିଲ୍ ୱାର ହେବାପରେ ସିଭିଲିଆନ୍‌ମାନଙ୍କୁ ସୁରକ୍ଷା ଦେବା ପାଇଁ ଜାତିସଂଘ ପିସକିପିଙ୍ଗ ମେସିନ୍‌କୁ ପ୍ରଖର କରିଲା। ୨୦୧୪ ମସିହାରେ ଜାତିସଂଘର ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପଶ୍ଚିମ ଆଫ୍ରିକାରେ ଇବୋଲାର ମନ୍ଥର ପରିବର୍ତ୍ତନକୁ ସମାଲୋଚନା କରିଥିଲା। ୨୦୨୦ରେ ଜାତିସଂଘ ଏହାର ୭୫ବର୍ଷ ପାଳନ କରିବ ଏବଂ ଏଥିପାଇଁ ସାରା ବିଶ୍ୱ ସ୍ତରରେ ବିଭିନ୍ନ ପ୍ରକାରର ଆୟୋଜନ।

*ପାଖିଡ଼, ଗରଦପୁର, ଜଗତ୍‌ସିଂହପୁର*
*ଦୂରଭାଷ : ୯୯୩୮୬୪୯୪୮୧*

# ଶ୍ରଦ୍ଧା ଅଛି, ହଜିଯାଇଛି ସରାଗ

**ସମ୍ପାଦକୀୟ**



**ତାରକ ମହାନ୍ତି**

**ସ**ଙ୍କଟ ସମୟ ଦେଇ ଗତି କରୁଛି ବିଶ୍ୱ। ସବୁଠି ଜୀବାଣୁ ଓ ପରମାଣୁର ଭୟ। ଦେଶ-ଦେଶ ଜାତି-ଜାତି ଭିତରେ ବିବାଦ ଘନେଇବାରେ ଲାଗିଛି। ବିଶ୍ୱାସଭଙ୍ଗର ନିଷ୍ଠୁର ବାସ୍ତବତାକୁ ଦେଖି ଦେଖି ଜୀବନ ଅସମ୍ଭବ ଯନ୍ତ୍ରଣା ପୀଡ଼ିତ। ତଥାପି ତାହାରି ଭିତରେ କାଶତଣ୍ଡିର ଶୁଭ୍ର ସୌନ୍ଦର୍ଯ୍ୟ ଭିତରେ ମା' ଦଶଭୁଜା ଦୁର୍ଗାଙ୍କର ଆବାହନୀ ଭେଦ କରୁଛି ସବୁଠି। ମହାମାରୀ ପ୍ରକୋପରେ ସନ୍ତ୍ରସ୍ତ ଜୀବନ କୁଟୀର ଭିତରେ ଥାଇ ଜଣାଉଛି ପ୍ରାର୍ଥନା। ସନ୍ଦେହର ଅନ୍ଧାରୀ ଗୁମ୍ଫା ଦେଇ ସୁଖ ସନ୍ଧାନୀ ମଣିଷ ପାର୍ବଣର ମଜା ଏ ବର୍ଷ ନେଇପାରୁନି। ସବୁ ଆଡେ ଭୟ, ଆଶଙ୍କା ଓ ଅଭାବବୋଧ ସଭିଙ୍କୁ ଘାରିଛି। ଦୀର୍ଘ ୮ ମାସ ମଧ୍ୟରେ ଜୀବିକା ସଙ୍କଟରେ ଥିବା ଲୋକମାନେ ସ୍ୱଚ୍ଛଳ ହୋଇପାରିନାହାନ୍ତି। ପାର୍ବଣ ଋତୁର ମାହୋଲ ନାହିଁ। ଦୋକାନ ବଜାର ଖାଁ ଖାଁ। କରୋନା କଟକଣା ଭିତରେ ମା ଆସିଛନ୍ତି। ଆଡମ୍ବର କି ଉତ୍ସାହ କିଛି ବି ନାହିଁ। କେଉଁଠାରେ ଶୋଭା ପାଉନାହିଁ ସୁଦୃଶ୍ୟ ତୋରଣ। ଶ୍ରଦ୍ଧାଳୁଙ୍କ ଗହଳ ଚହଳ କିଛି ନାହିଁ। ହେଲେ ମା'ଙ୍କ ଧରାବତରଣ ଲୋକଙ୍କୁ ଆଶ୍ୱସ୍ତି ଦେଇଛି ଏଇଥିପାଇଁ ଯେ, ହୁଏତ ମାଆ ଆସିଲେ ଲୋପ ପାଇବ ମହାମାରୀ କରୋନା। ଭ୍ୟାକ୍ସିନ୍ ଅପେକ୍ଷାରେ ରହି ଅନେକ ମାସ ବିତିଗଲାଣି, କେବଳ ଆଶା ଭିତରେ ବଞ୍ଚିଛି ଜୀବନ। ଦେଶର ଅର୍ଥନୀତି କମିଛି। ଲୋକଙ୍କ ରୋଜଗାର କମିଛି। ହେଲେ ସୀମାରେ କମୁନାହିଁ ଉତ୍ତେଜନା। ଭାରତ ସୀମାରେ ଚୀନ ଅତିକ୍ରମଣ ଚକ୍ରାନ୍ତ କରୁଥିଲା ବେଳେ ପାକିସ୍ତାନ ଆତଙ୍କବାଦୀଙ୍କୁ ଭାରତ ପ୍ରବେଶ କରାଇବାକୁ ଉଦ୍ୟମ କରୁଛି। ଚଳିତବର୍ଷ ସମ୍ପୂର୍ଣ୍ଣ ନିରାଡମ୍ବର ଭାବେ ଦୁର୍ଗା ପୂଜା ଅନୁଷ୍ଠିତ ହୋଇଛି। ବାଜା, ବାଣ, ରୋଷଣୀ କିଛି ନାହିଁ। ମଣ୍ଡପ ଗୁଡ଼ିକରେ ବିଧି ଅନୁସାରେ କେବଳ ପୂଜା ଚାଲିଛି। କିଛି ପୂଜା ମଣ୍ଡପ ଶ୍ରଦ୍ଧାଳୁଙ୍କ ପାଇଁ ଟେଲିଭିଜନ ଜରିଆରେ ପୂଜାର୍ଚ୍ଚନା ଦୃଶ୍ୟ ଦେଖାଇବାର ବ୍ୟବସ୍ଥା କରିଛନ୍ତି। ପାର୍ବଣ ଋତୁରେ ଲୋକଙ୍କ ମନରୁ ଖୁସି ଲିଭିଗଲାଭଳି ଏଥର ଅନୁଭବ ହେଉଛି। ନବରାତ୍ର ବି ସେମିତି ସୀମିତ ଆୟୋଜନ ଭିତରେ ପାଳିତ ହେଉଛି। ସମୟ ସ୍ରୋତରେ ଭାସିଯାଉଥିବା ମଣିଷ ଏବେ କୂଳରେ ପହଞ୍ଚିବା ଭାବନା ଭିତରେ ଭାରାକ୍ରାନ୍ତ। ଆଶ୍ୱାସନା, ସାନ୍ତ୍ୱନା ଭିତରେ ଆଶ୍ୱସ୍ତି ମିଳିବାର ସ୍ୱପ୍ନ ଦେଖି ଆଗକୁ ପାଦ ପକାଇବାକୁ ପଡୁଛି। କୃଷି ଠାରୁ ବାଣିଜ୍ୟ ସବୁଠି ପ୍ରତିବନ୍ଧକ ସୃଷ୍ଟି ହେବା ଫଳରେ ଜୀବନ ଯାତ୍ରା ଏଯାଏ ସ୍ୱାଭାବିକ ହୋଇପାରିନି। ତେଣୁ ମନକୁ ଟାଣ ରଖି ବଞ୍ଚିବାର ଅଦ୍ୟମ ପ୍ରୟାସ ଭିତରେ ଭୋକ, ଭବିଷ୍ୟତ ସବୁ ଯେମିତି ଗୋଳମାଳିଆ ଧରିଛି। ଆଗକୁ ଉତ୍କଟ ବେକାରୀ ସମସ୍ୟା ଦେଖାଦେବାର ଭୟ ଅଧିକାଂଶ ପରିବାର ଭିତରେ ନୈରାଶ୍ୟ ଖେଳାଇଦେଇଛି। ବିକାଶର କାର୍ଯ୍ୟଧାରା ବ୍ୟାହତ ହେଲେ ଏହାର ପ୍ରଭାବ ଶାସନ, ପ୍ରଶାସନ ଓ ସମାଜ ଉପରେ ପଡିବ। ଉତ୍ପାଦନ ନ ବଢ଼ିଲେ ବ୍ୟବସ୍ଥା ମନ୍ଥର ହେବା ସ୍ୱାଭାବିକ। ତେଣୁ ପ୍ରକ୍ରିୟା ସଚଳ ହୋଇ ବ୍ୟବସ୍ଥାକୁ ମଜବୁତ ନକଲେ ପରିଣାମ ନିଶ୍ଚୟ ଭୟଙ୍କର ଦିଗକୁ ମାଡିଚାଲିବ। ବର୍ତ୍ତମାନ ସମୟପଯୋଗୀ ପଦକ୍ଷେପ, ଦୂରଦୃଷ୍ଟି ସମ୍ପନ୍ନ କାର୍ଯ୍ୟଧାରା ହିଁ ଭବିଷ୍ୟତ ସ୍ୱପ୍ନକୁ ସାକାର କରିବାର ଏକମାତ୍ର ମାଧ୍ୟମ। ଏଥିପାଇଁ ନିରନ୍ତର ପ୍ରୟାସ ଓ ଦୃଢ଼ ଇଚ୍ଛାଶକ୍ତିର ଆବଶ୍ୟକତା ରହିଛି। ଲକ୍ଷ୍ୟ ପୂରଣ ପାଇଁ ଦକ୍ଷ ନେତୃତ୍ୱ, ପ୍ରଶାସନିକ ତତ୍ପରତା ଏବଂ କାର୍ଯ୍ୟ ଶୈଳୀରେ ପରିବର୍ତ୍ତନ ନଆସିଲେ କିଛି ଲାଭ ହେବନାହିଁ। ଆମକୁ ବୁଝିବାକୁ ହେଲେ ନିଜେ ସୁସ୍ଥ ରହି ଅନ୍ୟକୁ ସଚେତନ କରିବାର ଇଚ୍ଛା ଉଜ୍ଜୀବିତ ହେବା ଦରକାର। ଭାଙ୍ଗିପଡିଲେ କେହି ଆମକୁ ଟାଣ କରିପାରିବେ ନାହିଁ। ନିଜକୁ ନିଜେ ଟାଣ କରି ଭୂମିରୁ ଆକାଶ ପର୍ଯ୍ୟନ୍ତ ବ୍ୟାପ୍ତିକୁ ସାକାର କରିବା ପାଇଁ ଯେଉଁ କଠୋର ପରିଶ୍ରମ ଓ ଦୃଢ଼ ମାନସିକତାର ଆବଶ୍ୟକ ରହିଛି, ତାହା ବଳବତ୍ତର ରହୁ। ଦୁଗ ଭୁଷୁଡି ଯିବା ଆଗରୁ ଚତୁଃପାର୍ଶ୍ୱରେ ବ୍ୟବସ୍ଥା କଲାଭଳି ପରିବାର, ଜିଲ୍ଲା, ରାଜ୍ୟ ଓ ଦେଶକୁ ଗଢ଼ିବାକୁ ହେବ। ଧାର୍ମିକ ମନୋଭାବ, ଆଧ୍ୟାତ୍ମିକ ଚେତନା ଭିତରେ ରହି ଥକି ପଡିଥିବା ଜୀବନକୁ ପୁଣି ଗତିଶୀଳ କରିନପାରିଲେ ସ୍ଥିର ହୋଇଯାଇଥିବା ପୁଣି ଥରେ ନିଷ୍କ୍ରିୟ ହୋଇପଡିବାର ଆଶଙ୍କା ଦେଖାଦେବ। ତେଣୁ ସମସ୍ତ ଆଶଙ୍କାକୁ ଦୂର କରି ନୂତନ ସମ୍ଭାବନାକୁ ଗୁରୁତ୍ୱ ଦେବା ହେଉଛି ସାମ୍ପ୍ରତିକ ସମୟର ଆହ୍ୱାନ। ଶକ୍ତିସ୍ୱରୂପିଣୀ ମା' ଦୁର୍ଗାଙ୍କ ଧରାବତରଣ ପରେ ଧରାପୃଷ୍ଠରେ ଆଶା, ବିଶ୍ୱାସ ଓ ଭରସା ସତେଯେପରି ଦ୍ୱିଗୁଣିତ ହୋଇଯାଇଛି। ଦଶଭୂଜାଙ୍କ ଆଶୀର୍ବାଦରେ ପ୍ରାଣୀଜଗତ ଦୁଃଖଦୁର୍ଦ୍ଦଶାରେ ମୁକ୍ତି ପାଇବା ଚିନ୍ତାରେ ବିନମ୍ର ପ୍ରାର୍ଥନା କରି ଚାଲିଛନ୍ତି। ଆତୁର ହୃଦୟର କରୁଣ ବିଳାପ ମା'ଙ୍କ ହୃଦୟକୁ ନିଶ୍ଚୟ ସ୍ପର୍ଶ କରିବ ବୋଲି କାହିଁକି କେଉଁ କାଳରୁ ଯେଉଁ ଭାବନା ଟିକକ ରହିଆସିଛି ସେଥିରେ ନିଶ୍ଚୟ ସଫଳତାର ନୂତନ ସୂର୍ଯ୍ୟ ଉଦ୍‌ଭାସିତ ହୋଇଉଠିବେ। ମହାମାରୀ ସଙ୍କଟ କାଳର ଅଭାବ ଅସୁବିଧା ଦୂର କରିବା ପାଇଁ ମଣିଷ ନିଜର ସାଧ୍ୟମତେ ଚେଷ୍ଟା କରୁଥିଲେ ବି ଆଧ୍ୟାତ୍ମିକ ଭାବନା ବିନା ଏହା ସମ୍ଭବ ହୋଇପାରିବ ନାହିଁ ଜାଣି ପ୍ରତ୍ୟେକ ନିଜ ନିଜ ଅନ୍ତରରେ ପୂଜା ଆରାଧନା କରିବା ସହିତ ଭକ୍ତି ଭାବରେ ଶାରଦୀୟ ପାର୍ବଣକୁ ଜୀବନ୍ତ କରିବା ଉଦ୍ଦେଶ୍ୟ ନେଇ ପୀଠ ଓ ମଣ୍ଡପ ଗୁଡିକରେ ଯଦିଓ ପୂଜାର୍ଚ୍ଚନାର ସୁଯୋଗ ପାଇପାରୁନାହାନ୍ତି ତଥାପି ସମସ୍ତଙ୍କ ଭିତରେ ଯେଉଁଳି ଭକ୍ତିଭାବ ରହିବା କଥା ତାହା ଉଜ୍ଜୀବିତ ଅଛି। ବର୍ତ୍ତମାନ ସମୟରେ କରୋନା ଟିକାକୁ ନେଇ ସମଗ୍ର ବିଶ୍ୱରେ ଯେଉଁ ପରୀକ୍ଷା ନିରୀକ୍ଷା ଚାଲିଛି ଧୀରେ ଧୀରେ ସେଥିରେ ସଫଳତା ମିଳିବାରେ ଲାଗିଛି। ହୁଏତ ଆଗାମୀ ଅଳ୍ପ କିଛିଦିନ ମଧ୍ୟରେ ଏହା ସାଧାରଣ ଜନତାଙ୍କ ପାଇଁ ଉପଲବ୍ଧ ହେବାର ବିଶ୍ୱାସ ରହିଛି। ତେଣୁ ଆଜିର ଦିନରେ ମା' ଦୁର୍ଗାଙ୍କ ନିକଟରେ ପ୍ରାର୍ଥନା କରୁଛି ଯେ, ବିଶ୍ୱକୁ କରୋନା ମୁକ୍ତ କରି ସମସ୍ତଙ୍କ ମୁହଁରେ ପୂର୍ବ ଭଳି ସୁଖ-ଶାନ୍ତି ଭରିଦିଅନ୍ତୁ।

# ଜଳସ୍ତର ହ୍ରାସ ପାଉଛି : ଆମକୁ ସର୍ତ୍ତକ ହେବାକୁ ପଡ଼ିବ




**ଲିଙ୍ଗରାଜ ସାହୁ**



ଆମ ରାଜ୍ୟରେ ଜଳାଭାବ ଯେତିକି ଉତ୍କଟ ହୁଏ, ବର୍ଷାଦିନେ ଜଳ ଅପଚୟ ମଧ ସେତିକି ଉତ୍କଟ ହୁଏ। ବାତ୍ୟା ପରେ ଲଘୁ ଚାପଜନିତ ବର୍ଷା ଓଡ଼ିଶାର ବ୍ୟାପକ ଅଂଚଳରେ ଲୋକମାନଙ୍କୁ ଅସ୍ତବ୍ୟସ୍ତ କରିପକାଇଛି। ନାଳ ନର୍ଦ୍ଦମାର ପାଣି ଘରେ ପଶି ଯାଇଛି। ରାସ୍ତାଘାଟ, କୋଠା, ଘରବାଡ଼ି ଭୁଶୁଡ଼ି ପଡ଼ିଛି। କୌଣସି ପ୍ରକାରେ ବର୍ଷା ଜଳର ସଦ୍‌ ବ୍ୟବହାର କରିବା ଉପାୟ ଥିଲେ ମଧ କାମରେ କେହି ଲଗାନ୍ତି ନାହିଁ। ସମୃଦ୍ଧ ଦେଶ ମାନଙ୍କରେ ଦେଖାଯାଏ - ଯେଉଁଠାରେ ବହୁତ ବଡ଼ ବଡ଼ ଜନବସତି, ଦୋକାନ ବଜାର ଓ ବହୁତଳବିଶିଷ୍ଟ ସପିଙ୍ଗମଲ୍ କରାଯାଉଛି - ତା' ପାଖରେ ଆନୁପାତିକ ହାରରେ ପୋଖରୀ ଭଳି ଖାଲ ଖୋଳାଯାଇଛି। ଏଭଳି ଖୋଳିବାର ଉଦ୍ଦେଶ୍ୟ ଯେ, : ଏହିସବୁ ସ୍ଥାନରୁ ନିଗର୍ତ ହେଉଥିବା ଜଳ ଓ ବୃଷ୍ଟିଜଳ ସେହି ଖାଲରେ ଜମା ହୋଇ ମାଟି ଭିତରକୁ ଶୋଷି ହୋଇଯିବ। ବୃଷ୍ଟି ଜଳର ଏଭଳି ଉପଯୋଗକୁ 'ବୃଷ୍ଟିଅମଳ' ବା 'Rain Harvesting' କୁହାଯାଏ। ଆମ ରାଜ୍ୟରେ ବୃଷ୍ଟିଜଳ ଅମଳ ଦୂରର କଥା, ଘର ତିଆରି କରୁଥିବା ଲୋକେ ତାଙ୍କ ହତା ଭିତରେ ବୃଷ୍ଟି ଜଳ ଶୋଷିବା ପାଇଁ ସାମାନ୍ୟ ଜାଗା ମଧ ଛାଡୁନାହାନ୍ତି। ବଡ଼ ବଡ଼ କୋଠା ତିଆରି କଲାବେଳେ ରାସ୍ତା ଉପର ନଳକୁ ଠିକ୍ ଭାବରେ ନ କରିବା ଦ୍ୱାରା ସାମାନ୍ୟ ବର୍ଷାରେ ପୋଖରୀ, ନାଳରେ ପାଣି ପୂରିଯାଇ ରାସ୍ତା ଉପରେ ବନ୍ୟା ସୃଷ୍ଟି ହୋଇ ଅକଥନୀୟ ସମସ୍ୟା ସୃଷ୍ଟି ହେଉଛି। ୨୦୦୮ ମସିହାରେ ବିଶ୍ୱବ୍ୟାଙ୍କ ତରଫରୁ ଓଡ଼ିଶା, ଆନ୍ଧ୍ର ଓ ମହାରାଷ୍ଟ୍ରରେ ଜଳବାୟୁ ପରିବର୍ତ୍ତନ ସମ୍ବନ୍ଧରେ ଅନୁଧାନ କରାଯାଇଥିଲା। ଏହି ଅନୁଧାନ ରିପୋର୍ଟରେ କୁହାଯାଇଛି ଯେ ରାଜ୍ୟର ଦକ୍ଷିଣ-ପଶ୍ଚିମାଂଚଳରେ ଅଳ୍ପବୃଷ୍ଟି କିମ୍ବା ଅନାବୃଷ୍ଟି ଦେଖା ଦେବ ଓ ଉତରପୂର୍ବ ଅଂଚଳରେ ଅତିବୃଷ୍ଟି ଦେଖା ଦେଇ ବନ୍ୟାବିପ୍ରାତର ପ୍ରକୋପ ବଢ଼ିବ। ସେହି ରିପୋର୍ଟରେ ପୁଣି କୁହାଯାଇଛି ଯେ ଏଭଳି ଜଳବାୟୁର ପରିବର୍ତ୍ତନ ଘଟି ଆସନ୍ତା ୧୫୦ ବର୍ଷ ମଧ୍ୟରେ ଓଡ଼ିଶା ଏକ ମରୁଭୂମିରେ ପରିଣତ ହେବ। ଏଥିପାଇଁ ବିଭିନ୍ନ ଦେଶ, ଦେଶର ବିଭିନ୍ନ ଅଂଚଳ ଏବଂ ସେହି ଅଂଚଳରେ ରହୁଥିବା ବିଭିନ୍ନ ବ୍ୟକ୍ତିଙ୍କ ମଧ୍ୟରେ ସହଯୋଗର ବାତାବରଣ ସୃଷ୍ଟିହେବା ଏକାନ୍ତ ଆବଶ୍ୟକ। ସହଯୋଗ ସଫଳ ହେବ - ଯଦି ପ୍ରତ୍ୟେକ ବ୍ୟକ୍ତି ସଚେତନ ହୋଇ ଜଳର ଅପଚୟ ନ ଘଟାନ୍ତି। ସହରମାନଙ୍କରେ ବାସକରୁଥିବା ଲୋକମାନଙ୍କର ଏ ନେଇ ଚେତନାର ଅଭାବ ଅତ୍ୟନ୍ତ ବେଶୀ ମନେହୁଏ। ରାସ୍ତା କଳରୁ ହେଉ ବା ନିଜ ଘରୁ ଅଯଥା ଜଳ ବୋହି ଯାଉଥିଲେ ମଧ ସେଥିପାଇଁ କାହାରି ଦୃଷ୍ଟି ନ ଥାଏ। ତେଣୁ ଜାତିସଂଘ ବିଶ୍ୱସ୍ତରରେ ସହଯୋଗ ଆହ୍ୱାନ କରୁଥିଲାବେଳେ ଆମେମାନେ ଯଦି ବ୍ୟକ୍ତିଗତ ସ୍ତରରେ ଅଯଥା ଜଳ ଅପଚୟ ନ କରୁ ତାହା ସମଗ୍ର ମାନବ ଜାତି ପାଇଁ କଲ୍ୟାଣକର ହେବ। ଏବେ କରୋନା ସମୟରେ ହାତ ସଫା ପାଇଁ ପାଣିର ବ୍ୟବହାର ନିଶ୍ଚିତ। ତେବେ ଅଯଥା ପାଣିକୁ ନଷ୍ଟ ନକରି ପାଣି ଜଳସ୍ତର ବୃଦ୍ଧି ପାଇଁ ସଭିଏଁ ଆଗେଇ ଆସିବା ଉଚିତ। ନଚେତ୍ ପାଣି ସମସ୍ୟା ଭବିଷ୍ୟତରେ ଭୟଙ୍କର ହେବ। ଏବେ କରୋନା ପାଇଁ ଯେପରି ହାହାକାର ପରିସ୍ଥିତି ସୃଷ୍ଟି ହୋଇଥିଲା ସେପରି ପାଣି ପାଇଁ ସମସ୍ୟା ନହେବ ତାହା କହି ହେବ ନାହିଁ।

*ଜନ୍ମେଶ୍ୱର ପାଟଣା*
*ପୁରୁଣା ଭୁବନେଶ୍ୱର -୨*

## ଗୀତାନବନୀତମ୍




ମୂଳ ଗୁଜୁରାଟୀ- ସ୍ୱାମୀ ଶ୍ରୀ ଆଧ୍ୟାତ୍ମାନନ୍ଦ ସରସ୍ୱତୀ ମହାରାଜ

**ଦୈବୀ ସମ୍ପଦା**



ଅନୁବାଦ- ଉପାଳୀ ଦାଶ

**ଶୌଚମ୍ :-**

*ମହର୍ଷି ପତଞ୍ଜଳିଙ୍କର ଅଷ୍ଟାଙ୍ଗ ଯୋଗର ଆଠଟି ଅଙ୍ଗରୁ ଦ୍ୱିତୀୟ ଅଙ୍ଗ ନିୟମ ଅଟେ। ନିୟମ ମଧ ପାଞ୍ଚ ଅଟେ ଓ ସେହି ପାଞ୍ଚ ନିୟମରୁ ପ୍ରଥମ ସ୍ଥାନ ଶୌଚକୁ ଦିଆଯାଇଛି।*

*ଶୌଚ ସନ୍ତୋଷ ତପଃ ସ୍ୱାଧ୍ୟାୟସ୍ୱର ପ୍ରଣିଧାନାନି ନିୟମାଃ*

*(ସାଧନା ପାଦର ୩୨ନମ୍ବର ଶ୍ଳୋକ)*

*ଅଷ୍ଟାଙ୍ଗ ଯୋଗରେ ସମ୍ମିଳିତ ଯମ, ନିୟମ ବ୍ୟକ୍ତିଗତ ଓ ସାମାଜିକ ଅନୁଶାସନର ପାଠ ପଢ଼ାଇଥାଏ। ଏଠାରେ ଶୌଚର ଅର୍ଥ ବାହ୍ୟ ଏବଂ ଆନ୍ତରୀକ ଶୁଦ୍ଧି ବା ପବିତ୍ରତା। ଶରୀରର ଶୁଦ୍ଧତାକୁ ବାହ୍ୟ ଶୁଦ୍ଧି ବୋଲି ଜାଣିବା ଓ ଆନ୍ତରୀକ ଶୁଦ୍ଧି ହେଉଛି ବିଚାରର ଶୁଦ୍ଧତା। ଆମେ ଶରୀରର ଶୁଦ୍ଧି ସାବୁ, ପାଣି ଆଦିରେ କରିଥାଏ। ତେଲ ମାଲିସ, ଆୟୁରବେ ଔଷଧ ଦ୍ୱାରା ଏହାକୁ ସୁସ୍ଥ ରଖିଥାଏ। ସେହିପରି ବିଚାର ଶୁଦ୍ଧି ପାଇଁ ମନରୁ ଈର୍ଷା, ଅସୂୟା, ଅଭିମାନ, ଘୃଣା ନାଶ କରିବା ଆବଶ୍ୟକ। ଆମେ ଈର୍ଷାକୁ ମୈତ୍ରୀରେ, ଘୃଣାକୁ ସଦ୍‌ଭାବନାରେ, ଅଭିମାନକୁ ବିନୟ-ବିବେକ-ବିନମ୍ରତାରେ, ଅସୂୟାକୁ ସତ୍‌ସଙ୍ଗ ଓ ସ୍ୱାଧ୍ୟାୟ ମାଧମରେ ଦୂର କରି ପାରିବା।*

*ମହର୍ଷି ପତଞ୍ଜଳି, ଶୌଚର ବାଖ୍ୟା କରି କହିଛନ୍ତି, 'ଶୌଚାତ୍‌ସ୍ୱାଙ୍ଗ ଜୁଗପ୍‌ସା ପରୈର ସଂସର୍ଗ'। ଦୃଢ଼ ଆସ୍ଥାପୂର୍ବକ ଶୌଚର ଅଭ୍ୟାସ କରିବା ଫଳରେ ଯୋଗୀକୁ ନିଜ ଭିତରେ ମଳିନତାର ଅନୁଭୂତି ହୋଇଥାଏ। ତାକୁ ଅନୁଭବ ହୋଇଥାଏ ଯେ, ଏହି ଶରୀର ବାହାରୁ ଓ ଭିତରୁ ଦୂଷିତ, ଅପବିତ୍ର, ଅଶୁଦ୍ଧ ଅଟେ। ସଂସାର ପ୍ରତି ଯୋଡି ହେବାର ଇଚ୍ଛା, ଆସକ୍ତି ତା ଭିତରୁ ଦୂର ହୁଏ। ମନର ଏହି ପ୍ରତିକ୍ରିୟା ସକରାତ୍ମକ ଅଟେ। କାରଣ ଏହା ସାଧକ ପାଇଁ ପ୍ରାୟ ପ୍ରତୀୟମାନ ହୋଇ ପ୍ରଭୁପ୍ରେମ ମାର୍ଗ ଆଡକୁ ଅଗ୍ରସର କରାଏ। ଏହା ହିଁ ବାହ୍ୟ ଓ ଆନ୍ତରିକ ସ୍ୱଚ୍ଛତାର ପ୍ରତିଫଳନ।*

*'ସତ୍ତ୍ୱଶୁଦ୍ଧି ସୌମନସୈକାଗ୍ରୟେନ୍ଦ୍ରିୟ ଜୟାତ୍ମଦର୍ଶନ ଯୋଗ୍ୟତାନି ଚ।'*


*(ସାଧନାପାଦଃ-୪୯)*

*ଅର୍ଥାତ୍ ଆଭ୍ୟାନ୍ତର ଶୌଚର ସିଦ୍ଧି ଦ୍ୱାରା ଚିତ୍ତଶୁଦ୍ଧି, ମନର ସ୍ୱଚ୍ଛତା, ଏକାଗ୍ରତା, ଇନ୍ଦ୍ରିୟ ସଂଯମ, ଆତ୍ମ ସାକ୍ଷାତକାର କରିବା ପାତ୍ରତା ଏ ସମସ୍ତ ପ୍ରାପ୍ତ ହୋଇଥାଏ। କରୁଣା-ମୈତ୍ରୀ ଭାବରୁ ହେଉ, ଜପ, ତପ ବୈରାଗ୍ୟରୁ ହେଉ ମାତ୍ର ଶୌଚର ଏହି ଦୃଢ଼ ସ୍ଥିତି ହେବା ପରେ ତମୋଗୁଣ ଓ ରଜୋଗୁଣର ପରଦା ହଟି ଯାଇଥାଏ। ଚିତ୍ତ ସ୍ୱଚ୍ଛ ଆକାଶ ପରି ନିର୍ମଳ ହୋଇଯାଏ। ରାଗ, ଦ୍ୱେଷ, ଈର୍ଷା ଆଦି ବିକାରର ଅନ୍ତକରଣ ଶୁଦ୍ଧ ତତ୍ତ୍ୱସ୍ୱରୂପ ହୋଇଯାଏ। ମନ ସର୍ବଦା ପ୍ରଶନ୍ନ ରୁହେ। କେହି କେହି ଆତ୍ମଦର୍ଶନ କରିବାର ପାତ୍ର ହୋଇପାରିଥାନ୍ତି।*

*ଏସବୁ ପଢ଼ିବା ବେଳେ ଲାଗେ ଆତ୍ମଦର୍ଶନ, କ'ଣ? ଏହାକୁ ବୁଝିବା, ନିଜକୁ ଦେଖିବା ପାଇଁ ଉଦ୍ୟମ କରିବା ବହୁତ କଷ୍ଟ ନିଶ୍ଚୟ। ଏହାକୁ ସରଳ ଭାବରେ ବୁଝିବା ପାଇଁ ଏକ କାହାଣୀ ଜାଣନ୍ତୁ। ଏକ ସୁନ୍ଦର ବଗିଚାର ଦେଖାଶୁଣା କରିବା ପାଇଁ ରହିଥିବା ମାଳିର ଗୋଟିଏ ସୁନ୍ଦର ଝିଅଟିଏ ଥିଲା। ଦିନେ ରାଜକୁମାର ଘୋଡା ଉପରେ ବସି ସେହି ବଗିଚା ଦେଖିବା ପାଇଁ ଆସିଥିଲେ।*

(କ୍ରମଶଃ)

**ଯୋଗାଯୋଗ ଠିକଣା**
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭



ମାଟିମନସ୍କ କଥକତା, ସ୍ମୃତି ସଜଳ କାହାଣୀ ଅବତାରଣା, ବଳିଷ୍ଠ କାହାଣୀ ଧର୍ମିତା, ଚମତ୍କାର ଉପମାଯୁକ୍ତ ଭାଷା ବିନ୍ୟାସ ତଥା ଅପୂର୍ବ କ୍ଷୀରୋଦୀୟ ଶୈଳୀରେ ଲିଖିତ ଗାଳ୍ପିକ, ଔପନ୍ୟାସିକ କ୍ଷୀରୋଦ ଦାସଙ୍କ ଗଳ୍ପ ଓ ଉପନ୍ୟାସ ଅଗଣିତ ପାଠକମାନଙ୍କୁ ମୋହାବିଷ୍ଟ ତଥା ମନ୍ତ୍ରମୁଗ୍ଧ କରିବା ସହିତ ଏକ ଅନନ୍ୟ ଉପଲବ୍ଧିରେ ବିଗଳିତ କରିପକାଇବାର ସାମର୍ଥ୍ୟ ବହନ କରେ। ସଦା ସୃଜନମଗ୍ନ ଏଇ ଔପନ୍ୟାସିକଙ୍କର ପ୍ରତିଟି ସୃଷ୍ଟିରେ ଭରି ରହିଛି ଜୀବନ ପାଇଁ ଅସୀମ ଶ୍ରଦ୍ଧା ଓ ଭୁଷୁଡି ପଡୁଥିବା ସମ୍ପର୍କ ଏବଂ ମୂଲ୍ୟବୋଧ ପାଇଁ ଆଞ୍ଜୁଳା ଆଞ୍ଜୁଳା ଆହାପଣ। 'ସମ୍ପର୍କର ସୂତାଖିଅ' ଉପନ୍ୟାସ ତାଙ୍କର ଏକ ସାର୍ଥକ ସୃଷ୍ଟି, ଯାହା ପାଠକମାନଙ୍କୁ ଚମତ୍କୃତ କରିବ ବୋଲି ଆମର ବିଶ୍ୱାସ।

**କ୍ଷୀରୋଦ ଦାସ**

ଭାଗ-୩୧

# ସମ୍ପର୍କର ସୂତା ଖିଅ

**ଅ**ଝଟ ଶିଶୁ ପୁଅ ଶୋଇପଡ଼େ। ବୋଉ ବସିଥାଏ କିଟ୍‌କିଟ୍ ଅନ୍ଧାରରେ। ବସିଥାଏ ତା ମାଟି ଦରାଣ୍ଡୁଥାଏ। ନିର୍ଯ୍ୟାତିତ ହେଉଥିବା ଗୋଟେ ପ୍ରାଣୀର ଆକୁଳ ଆର୍ତ୍ତନାଦ ପରି ଶବ୍ଦ ବାହାରି ଆସୁଥାଏ ତା' ମୁହଁରୁ। ସାରା ଦୁନିଆର ସମ୍ମିଳିତ ଦୁଃଖ ଓ କାନ୍ଦଣାକୁ ତୁଚ୍ଛ କରିପକାଉଥାଏ ସେଇ ଆର୍ତ୍ତନାଦ। ସମୁଦ୍ରର ଲହଡ଼ି ପରି ତୁହାକୁ ତୁହା ତାହା ବ୍ୟାପିଯାଉଥାଏ ମାଟିରୁ ଆକାଶ। ଦିଗରୁ ଦିଗନ୍ତ।

ସୁରିଆ ପାଗଳା।

ଦିନେ କେଇଟା ଭିତରେ ଏଇଁ ନାଁ'ରେ ପରିଚିତ ହୋଇଗଲା ସେ। ପ୍ରଥମେ ପ୍ରଥମେ ଗାଁ' ଲୋକମାନେ ଆହୁ ଚୁ' ଚୁ କରୁଥିଲେ। ପାଠ ପଢୁଆ ପିଲାଟିର ଏ କି ଦଶା ହେଲା ବୋଲି ମନସ୍ତାପ କରୁଥିଲେ, ସମବେଦନା ପ୍ରକାଶ କରୁଥିଲେ। ଧୀରେ ଧୀରେ ସେସବୁ ଦେହସୁହା ହୋଇଗଲା। ନିଜ ନିଜର ପେଟ ପାଟଣାରେ ଫେଣ୍ଟି ହୋଇଯାଇ ସୁରିଆ ପାଗଳାର ସୁବର୍ଣ୍ଣ ଅତୀତଟାକୁ ପାସୋରି ପକାଉଥିଲା ପୃଥିବୀ। କେଉଁଦିନ ରାତିରେ ଘରେ ଶୁଏ ତ କେଉଁଦିନ ରାସ୍ତା ଉପରର ବାସନ୍ତୀ ବଜାରର କେଉଁ ଦୋକାନ ବାରଣ୍ଡାରେ। ଗାଧୋଇଲେ ଗାଧାଏ ନଇଲେ ନାଇଁ, ଖାଇଲେ ଖାଏ ନଇଲେ ନାଇଁ। ବୋଉ ନୟାନ୍ତ ହୋଇ ଲାଗିଥାଏ ତା' ପଛରେ। ଗାଁ' ଏମୁଣ୍ଡରୁ ସେମୁଣ୍ଡ, ରାସ୍ତା ଏ ପାଖରୁ ସେ ପାଖ, ସବୁବେଳେ ଧାଉଁଥାଏ ଜରୁରୀ ଗତିଶୀଳତା ନେଇ। ବେଳେବେଳେ ବସିଯାଏ କାହା ପିଣ୍ଡାରେ କି ଗଛ ମୂଳେ। ମନକୁ ମନ ଚିଡ୍ ଚିଡ୍ ହୋଇ କ'ଣ ଗୁଡାଏ ଅବୋଧ କଥା ଗପୁଥାଏ ସବୁବେଳେ। ତାକୁ କିଏ କ'ଣ କହିଲେ ବିକଳ ମୁହଁରେ, ଅନେକ ଦିନ ଧରି ସଫା ହୋଇନଥିବା କସରା ଦାନ୍ତ ଦେଖାଇ ହସେ। ହସେ ସିନା, ତା' ମୁହଁରୁ ସ୍ପଷ୍ଟ ଉତୁରି ଆସୁଥାଏ ଗୋଟେ ଶଙ୍କିତ, କାନ୍ଦୁରା ଭାବ। ବେଳେବେଳେ କନ୍‌କନ୍ ହୋଇ ଏଣେ ତେଣେ ଚାହେଁ ବିପଦ ମାଡିଆସୁଥିବାର ସୂଚନା ପାଇଯିବା ପରି। ଥାଏ ଥାଏ ଚିର୍‌ଚିରିଆ ହୋଇ ଦୌଡେ। ଛୁଆମାନେ ଦୌଡ଼ନ୍ତି ତା ପଛରେ ତାଳିମାରି। ବସିଯାଏ କାହା ସାଇକେଲ୍ ପଛରେ। କିଛିବାଟ ଯାଇ ଡେଇଁପଡେ। ତଳେ କଚାଡି ହୋଇ ପଡି ଖଣ୍ଡିଆଖାବରା ହୁଏ, ଲହୁ ଲୁହାଣ ହୁଏ। ଗଛର ଅଗଡାଳକୁ ମାଙ୍କଡଙ୍କ ପରି ଚଢ଼ିଯାଏ। ସେଠୁ ଖତେଇ ହୁଏ ସମସ୍ତଙ୍କୁ।

ନଟଦାସ, ନକୁଳ ପଧାନ ଦାଣ୍ଡଘରେ ବସି ତା'ର ଏ କାଣ୍ଡକାରଖାନା ଦେଖି ହସନ୍ତି ଆତ୍ମତୃପ୍ତିର ହସ। ହସି ହସି ନଟଦାସ କୁହନ୍ତି - ବୁଝିଲ ଦାଦି, ଭଗବାନ ଯାହା କରନ୍ତି ପ୍ରାଣୀର ମଙ୍ଗଳ ପାଇଁ!

ନକୁଳ ପଧାନ ଅବୁଝା ଆଖିରେ ଚାହେଁ।

ବୁଝୁନା!' -ନଟଦାସ ବୁଝନ୍ତି ବାପ ବିକିଥିଲା ଅଦର ଦରରେ ଜମି। ସେ ତ ମଲା। ପୁଅ ବନ୍ଧା ପକାଇଥିଲା ଘରଡିହ। ମଣିଷ ହୋଇଥିଲେ ସିନା କଷ୍ଟକରି ଏସବୁ ମୁକୁଳାଇଥା'ନ୍ତା! ଯେ ତ ପାଗଳ ହୋଇଗଲା। ପାଗଳଟା ପ୍ରତି କ'ଣ ମୋର ଟିକେ ଦୟାମୟା ନାହିଁ ଯେ ତାକୁ ଟଙ୍କା ପଇସା କଥା କହିବି!

-ନକୁଳ ପଧାନ ହସେ ତା ପରିଚିତ ଢଙ୍ଗରେ ହେଃ...ହେଃ

-ନଟଦାସ ହସନ୍ତି ତାଙ୍କ ଚିରାଚରିତ ଢଙ୍ଗରେ ହୋଃ...ହୋଃ

ଏଇ କେତେଦିନ ହେଲାଣି ମାମିନା ଭାରି ଗୁମ୍‌ସମ୍ ହୋଇଯାଇଛି। ଏକମାତ୍ର ଭାଇର ପାଗଳ ହୋଇଯିବାଘଟଣା ତାକୁ ଶକ୍ତ ଆଘାତ ଦେଇଛି କି କ'ଣ ଯେଉଁଠି ବସୁଛି ତ ବସୁଛି, ବୋଉ ଡାକି ଡାକି ଥକିଗଲେ ଉଠୁନାଇଁ କି ଉଁ ବୋଲି ପଦଟେ କହୁନାଇଁ। ଟିକ୍ କଥାରେ ଚିଡ୍ ଚିଡ୍ ହେଉଛି। ଖାଇବା ପିଇବାରେ ଧ୍ୟାନ ନାଇଁ। ବେଶପୋଷାକ ପ୍ରତି ନଜର ନାଇଁ। ଝାମ୍ପୁରା ମୁଣ୍ଡ, ଦିନ ଦିନ ଧରି ତେଲ ଟିକିଏ ଲଗାଇ ନାଇଁ।

ଦିନେ ରାତିରେ ଶୋଇଲା ବେଳେ ଡାକିଲା- 'ବୋଉ'!

ଏ ଡାକରେ କ'ଣ ଥିଲା କେଜାଣି, ଚମ୍‌କି ପଡିଲା ବୋଉ। ତା' ଦେହ ହାତରୁ ସର୍ବଶେଷ ଜୀବନଶକ୍ତି ଟିକକ କୁଆଡ଼େ ଅପହୃତ ହୋଇଯିବା ପରି ଲାଗିଲା ସେଇ ମୁହୂର୍ତ୍ତରେ। ଘନ ଅନ୍ଧାର ଭିତରେ ନିର୍ଜୀବ ଭଳି ପଡିରହି ବୋଉ ଉତ୍ତର ଫେରାଇଲା- 'ଉଁ!'

- "ପନ୍ଦର ଦିନ ହେଲାଣି, ମୋର ଦିନ ଗଡ଼ିଗଲାଣି। ଦେହଟା କାଇଁକି ଜମା ଭଲ ଲାଗୁନାଇଁ। ମୁଣ୍ଡଟା ବହୁତ ଜୋର୍‌ରେ ବୁଲୋଉଛି। ପେଟ ଭିତରଟା କ'ଣ ପାଇଁ କେଜାଣି ଘୁନ୍ଦାଳି ହେଇ ଜୋର୍‌ରେ ବାନ୍ତି ଲାଗୁଛି...।"

ଅନ୍ଧାର ଭିତରେ ବୋଉ ଅନୁଭବ କଲା ଗୋଟିଏ ପ୍ରଚଣ୍ଡ ଘଡ଼ିଘଡି ତା' ମୁଣ୍ଡ ଉପରେ ଅଜାଡ଼ି ହୋଇପଡୁଛି। ତା' ହାଡ ମାଂସକୁ ଫେଣ୍ଟି ପକାଉଛି। ତା' ଜିଭ ଶୁଖି ଯାଉଛି, ଅଙ୍ଗ ପ୍ରତ୍ୟଙ୍ଗ ସବୁ ଗତିହୀନ ହୋଇପଡୁଛନ୍ତି ଏବଂ ଧୀରେ ଧୀରେ ତା' ସମଗ୍ର ଶରୀର ଆକ୍ରାନ୍ତ ହୋଇପଡୁଛି ପକ୍ଷାଘାତ ରୋଗରେ। ସମୁଦାୟ ପୃଥିବୀ ରୂପାନ୍ତରିତ ହୋଇଯାଉଛି ଡହଡହ ଗରମ ବାମ୍ଫରେ। ସେ ବାମ୍ଫରେ ପଡି ସେ ଛଟପଟ ହଉଚି, ଦହଗଞ୍ଜି ହଉଚି, ଡହଳବିକଳ ହୋଇ ରଡ଼ି ଛାଡୁଛି, ଅଥଚ ସେଥିରୁ ତାକୁ ଉଦ୍ଧାର କରିବା ପାଇଁ ଲମ୍ବି ଆସୁନାଇଁ କାହାର ଦୟାର୍ଦ୍ର ହାତ!

'ମରିଗଲୁନି! ଏମିତି କାମ କରିବା ପୂର୍ବରୁ ଡ଼େଇଁ ପଡିଲୁନି କୁଅ ପୋଖରୀକୁ କି ଝୁଲିପଡିଲୁନି ଗଛ ଡାଳରୁ!" -ବୋଉ ଶୁଣେଇଲା ଏବଂ ରକ୍ତାକ୍ତ ଦୀର୍ଘଶ୍ୱାସ ଜରିଆରେ ଜଣାଇଦେଲା ଯେ ଜୀବନର ଦୌରାତ୍ମ୍ୟରେ ସେ କ୍ଳାନ୍ତ। ଜୀବନର ବୋଝରେ ସେ ଭାରାକ୍ରାନ୍ତ। ଜୀବନର ସ୍ୱେଚ୍ଛାଚାରିତାରେ ସେ ଅତିଷ୍ଠ। ଘଡ଼ିଏ ଅଚିନ୍ତା ନିଦରେ ଶୋଇବ ସେ। ଶୋଇବାଟା ତା'ର ନିହାତି ଜରୁରୀ। ଏବଂ କଡ ଲେଉଟାଇ ପୃଥିବୀର ସବୁ ଘଟଣା-ଅଘଟଣ; ସବୁ ସୁଖ-ଦୁଃଖକୁ ପଛ କରି ଶୋଇପଡିଲା।

ତା' ପରଦିନ ସକାଳୁ ପୋଖରୀ ପାଣି ଯାଇଥିବା ଝିଅଟେ ଧଇଁସଇଁ ହୋଇ ଆସି ଚିତ୍କାର କଲା- 'ଦାଣ୍ଡ ଗାଡ଼ିଆ ମଝିରେ କ'ଣ ଗୋଟାଏ ଭାସୁଛି।' -କହିଲା ଏବଂ ଭୟରେ ଜଡସଡ ହୋଇଗଲା।

ଗାଁ ଅତର୍ଚ୍ଛ ହୋଇ ଧାଇଁଲା ସେଇଆଡ଼େ। ଦାଣ୍ଡ ଗାଡ଼ିଆର ମାତ୍ର ବେକେ ପାଣିରେ ଭାସୁଥିଲା ମାମିନାର ନିର୍ଜୀବ ଶରୀର।

ପଥର ମୂର୍ତ୍ତିଟିଏ ବି କେତେବେଳେ କେମିତି ଟିକେ ଦୋହଲିଯିବାର ନଜିର ଅଛି। ହେଲେ ପାଣିରୁ ଛଣା ହୋଇ ଦାଣ୍ଡରେ ଚିତ୍ ହୋଇ ଶୋଇଥିବା ମାମିନାର ଶବ ପାଖରେ କାହାର ହୃଦୟହୀନ ଅଭିଶାପ ବଳରେ ଗଦାଏ ପାହାଡ଼ ବନିଯାଇଥିଲା ବୋଉ! ଜୁଳୁଜୁଳୁ ଆଖିର ଲୁହ ଅଲୌକିକ କୁହୁକ ବଳରେ କେହି ଜଣେ ଶୋଷି ନେଇଥିଲା! ଲୋଚାକୋଚା ମାଂସପେଶୀ, ପାଣିଚିଆ ଆଖି, ବୋଝପରି ଧଳା ହୋଇଯାଇଥିବା କେଶ!

ବିଧାତା ଏପରି ଜଣେ ବିକଳ, ଦୟନୀୟ ମଣିଷକୁ କାଇଁକି ସୃଷ୍ଟି କରିଥିଲେ କେଜାଣି? କେଉଁ ଉଦ୍ଦେଶ୍ୟରେ?

(କ୍ରମଶଃ)



## ବିଦଗ୍ଧ କବିତା


# ଚାଲ ଆମେ ନକ୍ଷତ୍ର ଗଣିବା

**ଶାନ୍ତନୁ କୁମାର ସର**



**ଚା**ଲ ଆମେ ଧୂସର କ୍ଳାନ୍ତି
ଆଉ ଅବସାଦ ଭୁଲି
ବିଚ୍ଛୁରିତ ରୋମାଞ୍ଚରେ ଶିହରୀତ
ଟେରେସ୍ ଉପରେ, ନକ୍ଷତ୍ର ଗଣିବା,
ଆକାଶରେ କାଶତଣ୍ଡୀ, ଆତସବାଜୀ,
ନିଯୁକ୍ତି ଖୋଜୁଥିବା ପ୍ରାର୍ଥୀ ପରି
ଇତସ୍ତତଃ ହେଉଥିବା ବିଷର୍ଣ୍ଣ ବାଦଲ,
ଜହ୍ନ ଦିଶେ ଅବସାଦ ଗ୍ରସ୍ତ
ସ୍ୱୟଂମ୍ବର ସଭାରେ ସଦ୍ୟ ପ୍ରତ୍ୟାଖ୍ୟାତ
ରାଜପୁତ୍ର ପରି।

ଚାଲ ଆମେ ନକ୍ଷତ୍ର ଗଣିବା
ତମେ ବାଆଁରୁ ଡାହାଣକୁ
ଆଉ ମୁଁ ଗଣିବି ଦିଗହଜା ଦିଗ୍ ବଳୟରୁ
ଆକାଶର ଶୀର୍ଷତମ ବିନ୍ଦୁଯାଏ-
ଝଲମଲ ପ୍ରତ୍ୟୟରୁ ଅସ୍ମିତା ଖୋଜୁଥିବା
ଧ୍ୟାନମଗ୍ନ ଧ୍ରୁବତାରା ଯାଏ।
ଏଇ ଦେଖ ଆକାଶରେ ଅଦ୍ଭୁତ ଜ୍ୟାମିତି
କରୋନାର ଆତଙ୍କିତ ଘନଛାୟା ତଳେ
ସାମାଜିକ ଦୂରତା ମାନିନେଲେ ତାରାମାନେ
ପୁଲକିତ ଆକାଶର ଚିତ୍ରିତ ଅଙ୍ଗନେ
ଗାଉଛନ୍ତି ଆଶ୍ୱିନରେ ଦେବୀ ଆବାହନୀ
ଅନୁଷ୍ଟୁପ ଛନ୍ଦ ଆଉ ଦିବ୍ୟ ରାଗିଣୀରେ
ଏଇ ଦେଖ ସପ୍ତର୍ଷିମଣ୍ଡଳ
ଚିରନ୍ତନ ପ୍ରଶ୍ନବାଚୀ
ମଣିଷର ଜନ୍ମ ମୃତ୍ୟୁ, ପ୍ରାପ୍ତି ଆଉ ନିର୍ବାଣ ଆଗରେ।



ଏଇ ଦେଖ ତାରାଟି କେମିତି
ନିଷ୍ପ୍ରଭ ଦିଶୁଛି, ବିପ୍ରଲବ୍ଧା ନାୟିକାର
ଶୁଖିଲା ଗଜରା ପରି, ପୁଣି ଦେଖ
ସ୍ୱାତୀ, ଚିତ୍ରା, ଅରୁନ୍ଧତୀ,
ପରିହିତା ପାଟ ପିତାମ୍ବରୀ-ଭାସ୍ୱତୀ ଈଶ୍ୱରୀ
ଏଇ ଦେଖ ଭୁଲ୍ ଭାଲ ହୋଇଗଲା
ନକ୍ଷତ୍ର ଗଣିବା, କାଲି ପୁଣି ଆଉଥରେ
ଆରମ୍ଭ କରିବା-ସେଇ ପ୍ରଥମରୁ
ଯେତେଥର ଦେଖିଲେବି କିଛି ନ ଦେଖିଲା ପରି
କ୍ଳାନ୍ତ ପଥ ଓ ଅଜଣା ପୃଥିବୀ ପରି।

*ଅବସରପ୍ରାପ୍ତ ଅଧ୍ୟକ୍ଷ*
*ଅନୁଗୁଳ କଲେଜ, ଅନୁଗୁଳ*
**ଦୂରଭାଷ: ୭୯୭୮୬୬୪୯୭୯**

# ନିଗିଡା ରକ୍ତର କାହାଣୀ




**ପ୍ରଦୀପ ବନ୍ଧ**



**ମୁଁ** ରକ୍ଷକ ନୁହଁ
ହାତ ପାତି ମାଗିବି
ଦ୍ୱାରସ୍ଥ ହେବି
ତୁମ ଠାରେ କି
ତୁମ ଈଶ୍ୱରଙ୍କ ଠାରେ... ?

ଯେଉଁ ଆଶା ରଖିନି ଏଯାଏଁ
ତାକୁ ରଙ୍ଗ କଳା ଦେଇ
ଆଙ୍କିବି କିପରି... ?
ଦିବା ସ୍ୱପ୍ନ ଦେଖିବା ବି ଭୁଲ୍
ପାଗଳ ଭାବି
ଟେକା ପଥର ଫିଙ୍ଗିବେ
ଚୁଟି ଟଣା ଖାଇବା ଅପେକ୍ଷା
ଜୀଇଁ ଥାଉ ଥାଉ କଳିଜା ଓଟାରି
ହାତରେ ଧରେଇ ଦେଲେ
କ୍ଷତି କ'ଣ?

ଯାହାକୁ ଛୁଇଁବି ବୋଲି ଭାବିଛି
ଏ ବସାରୁ ଉଡିଯିବା ପରେ
ସେ ଅନେକ ଦିନରୁ
ଅଛୁଆଁ, ବେସାହାରା,
ମୁଁ ବି ଫେରାର



ଚୁମା ବଦଳରେ
ଚିମୁଟାଏ ଦୁଃଖକୁ ଅଙ୍ଗେଜି କରି
ଚାଲିଛି ମୁଁ ।ଟ
ନିଆଁ ହୁଳାକୁ ଟୋପିକରି ପିନ୍ଧିଛି
ମହୁ ଶୋଷିବାକୁ
ହେଇନି ମୁଁ ମୁହାଣିଆ
ଚାନ୍ଦକୁ ଚନ୍ଦନ ଭାବି
ଲେପି ହେଇନି ନିରୋଳାରେ
ବିବେକକୁ ଲାଳସା ଦେଖେଇ
ଜୁଆରିଆ ହେଇନି
ମିଛୁଆ ଆଖି ଆଗରେ

ଏବେବି ଶିକାର ଖୋଜୁଛି
ଏ ଅର୍ଦ୍ଧଚନ୍ଦ୍ରକୁ
ଗ୍ରାସ କଲାଭଳି
ମାରଣା ଷଣ୍ଢ ପରି
ଭୋକିଲା ବାଘ ପରି
ଖୋଜୁଛି ଗୋଟେ ନିରୋଳା ମୁହୂର୍ତ୍ତ
ଈଶ୍ୱର ହୁଅନ୍ତୁ କି ମଣିଷ
ଏଥର ଭେଟିଲେ କହିବି
ଯୁଦ୍ଧ କ୍ଷେତ୍ରରେ
ନିଗିଡା ରକ୍ତର କାହାଣୀ।


*ସାନମଛୁଆଘାଇ, ରାଜଘରପୋଖରୀ*
*ବାସୁଦେବପୁର, ଭଦ୍ରକ*
**ଦୂରଭାଷ : ୮୦୭୨୭୮୩୨୨୦**


# ଏବେ ବେଳ ରତ ରତ....



**ବ୍ରହ୍ମାନନ୍ଦ ବେହେରା**

**ଖୋ**ଲି ଖୋଲି ଯାଉଛି ଯେମିତି ଦୁଆର,
ଯେଝା ଯେଝାଙ୍କ ରାସ୍ତାରେ ସବୁ ପ୍ରତ୍ୟେୟ,
ଆସ୍ପର୍ଦ୍ଧା ଓ ଅହଂକାର।
କେମିତି ନା କେମିତି ବାହାରିବାକୁ ପଡିବ ଘରୁ
ଖୋଲିବାକୁ ହେବ କିଳଣୀ,
ସମସ୍ତଙ୍କୁ ବେଶ୍ ଜଣା ଏକଥା
କାରଣ......ଏବେ ବେଳ ରତ ରତ।
ସମୟ ଏବେ ଖୁବ କମ୍
ଘୋରେଇ ଆସୁଛି କାଳି ଅନ୍ଧାର
ଯିବାକୁ ତ ପଡିବ ନିଶ୍ଚେ
କାରଣ କଥା ଥିଲା ମୂଳରୁ
ଆସିବା ବେଳରୁ।





ଏବେ ଅପେକ୍ଷା
ଶୁନ୍ ଶାନ୍ ଗାଁ ଦାଣ୍ଡ, ନଇ ତୁଠ,
କମାଣୀ, କସରତ,
କିଣା, ବିକା ଓ ଫେରସ୍ତ,
ଯେଝା ଯେଝାଙ୍କ ବାଗରେ
ସମସ୍ତେ ବ୍ୟସ୍ତ।
ଏବେ ଯିବାକୁତ ହେବ......
କାରଣ.....ଏବେ ବେଳ ରତ ରତ।

*କୁଳ ସଚିବ*
*ଫକୀର ମୋହନ ବିଶ୍ୱ ବିଦ୍ୟାଳୟ*
*ବ୍ୟାସ ବିହାର, ବାଲେଶ୍ୱର*
**ଦୂରଭାଷ : ୯୪୩୭୧୯୨୯୯୯**

# ମା' ଆଗମନେ


**ସଂଶୟ କୁମାର ସାହାଣୀ**



**ଝ**ରା କାଶତଣ୍ଡି
ଭରା ମହାନଦୀ
ସାଇଁ ସାଇଁ ଝାଉଁ ବଣ
ମାଆ ଆସୁଛନ୍ତି ଧରା ଧାମକୁ ଲୋ
ଝଲ ମଲ ତାରା ଗଣ।
ଋତୁ ବଦଳିଛି
ଶରତ ଆସିଛି
ନୂଆ ଫୁଲ ଫୁଟେ ଦୃମେ
ମାଆ ଆଗମନେ ହସେ ରାଇଜ ଲୋ
ଖିଲି ଖିଲି ହସୁ ଆମେ।
ଧାନ କିଆରୀରେ
ସବୁଜ ପସରା
ବେଙ୍ଗ ବେଙ୍ଗୁଲିର ରଡି
ମାଆ ଆଗମନେ ସର୍ବେ ଉତ୍‌ଫୁଲିତ
ବାଡିରେ ଫସଲ ଭାଡ଼ି।
ଶରତ ଆସିଛି
ବରଷା ଥମିଛି
ଶୁଖି ଶୁଖି ଆସେ ଧରା
ମାଆ ଆଗମନ ଇସାରା ଦିଏଲୋ
ହସିବ ରାଇଜ ପରା।
କୃଷକ ହସୁଛି
ଦୁଃଖକୁ ଭୁଲିଛି
ଧାନ କ୍ଷେତ ପଶେ ବସି



ମାଆ ଆଗମନେ ମନ ନାଚିଉଠେ
ଧାନ ଦେବ ଫୁଲକଷି।
ପାର୍ବଣ ଆସିଛି
ଧରା ଚମକୁଛି
ଖୁସିରେ ନାଚୁଛି ମନ
ମାଆ ଆଗମନେ ଆନମନା ହୁଏ
ଭେଟିବି ମୁଁ ପ୍ରିୟଜନ।
କୁଆଁରୀ ହସୁଛି
ଗଭା ସଜାଡୁଛି
ସଜ ହୁଏ ଘରକୋଣେ
ମାଆ ଆଗମନେ ପ୍ରସ୍ତୁତି ହେଉଛି
ଶିହରଣ ତନୁମନେ।
ଦେବୀ ମୋ ଆସିବ
ପୃଥିବୀ ହସିବ
ଖେଳିବ ଖୁସି ଲହରୀ
ମାଆ ଆଗମନେ ସବୁ ବଦଳିବ
ପ୍ରକୃତି ଖେଲେ ଭଉଁରୀ।



*ଏଚ୍‌ଏସ୍‌ଜି ପଣ୍ଡା କ୍ୟାନ୍ସର ହସ୍ପିଟାଲ, କଟକ*
**ଦୂରଭାଷ : ୭୯୭୮୧୫୬୩୩୮**

# ଅପରାହ୍ନ

**ସୁଶ୍ରୀ ସଙ୍ଗୀତା ସେଠୀ**





**ଆ**ଖି ଖୋଲିଲା ପରେ ନୀଳ ଆକାଶ, ଆକାଶରେ କିଚିରି ମିଚିରି କରି ଉଡୁଛନ୍ତି ମୁକ୍ତ ପକ୍ଷୀ। ଚାରିପାଖରେ ୧୦-୧୫ଜଣ ଲୋକ। ଲୋକମାନେ ପାଣି ଛାଟିବାରୁ ହୋସ ଆସିବା ପରେ ଦେଖୁଥାନ୍ତି ଏସବୁ ଦୃଶ୍ୟ ବୁଢ଼ୀ ମାଉସୀ ଜଣଙ୍କ। ଅପରାହ୍ନ ୫ଟା ହେବ। ବାଉଳି ହେଉଥାନ୍ତି ମୁଁ କୋଉଠି ପୁଅ, ଲୋକମାନେ ବାଉଳି ହେଉଥାନ୍ତି ତମେ କିଏ ମାଉସୀ, କୋଉଠୁ ଆସିଛ? ଏଇଟା ପୁରୀ। ଏଠି କେମିତି ପହଞ୍ଚିଲ? ମାଉସୀ କାନ୍ଦି କାନ୍ଦି କହୁଥାନ୍ତି, ମୋର କିଛି ମନେ ରହୁନି ପୁଅ। ମତେ ମୋ ଝିଅ ଜୋଇଁ ବସରେ ବସେଇ ଦେ କହିଲେ ତୁ ଯା ତୋ ପୁଅ ପାଖକୁ ରହିବୁ। ସେମାନେ ତତେ ପୋଷିବେ। ମୋ ପୁଅ ପୁରୀରେ ରୁହେ କିନ୍ତୁ କୋଉଠି ରୁହେ ଜାଣିନି। ଗଣମାଧ୍ୟମ ଜରିଆରେ ଲୋକମାନେ ଫଟୋ ପୋଷ୍ଟ କରି ମାଉସୀର ଠିକଣା ପାଇବାକୁ ଚେଷ୍ଟା କଲେ ଏବଂ ପାଇଲେ। ୨ ଘଣ୍ଟା ପୂର୍ବ ଦୃଶ୍ୟ... କଟକ-ପୁରୀ ବସ୍‌ଷ୍ଟାଣ୍ଡରୁ ଚଢ଼ିଲି ମୋ ହଷ୍ଟେଲ ଅଭିମୁଖେ। ମୋ ସିଟ୍ ପାଖେ ଜଣେ ମାଉସୀ ବସିଥିଲେ। ବୟସ ପାଖାପାଖି ୮୦ ଉପରେ ହେବ। ପଚାରିଲି କୁଆଡେ ଯାଉଛ ମାଉସୀ? କିଛି ମନେ ପଡୁ ନଥାଏ ତାଙ୍କର। ଖାଲି କହୁଥାନ୍ତି ମୋ ପୁଅ ପୁରୀରେ ଅଛି ମୁଁ ଯାଉଛି। ଝିଅ ଜ୍ୱାଇଁ ବସ୍‌ରେ ବସେ ଦେଲେ ଆଉ ମତେ କହିଲେ, ପୁଅ ପାଖକୁ ଯା। ମୁଁ ପଚାରିଲି କ'ଣ ଖାଇଛ ମାଉସୀ? କହିଲେ କ'ଣ ଖାଇବି ଝିଅ? ବିସ୍କୁଟ୍ ପକେଟ୍ ଆଉ ପାଣି ଦେଇଛି ଝିଅ। ଆଉ କିଛି ଖାଇନି ସକାଳୁ। ବସ୍ ଛାଡି ନଥାଏ। ମାଉସୀ କହିଲେ ଝିଅ ଶୌଚାଳୟ ଯିବି। ମୁଁ ମାଉସୀଙ୍କ ହାତ ଧରି ଶୌଚାଳୟ ନେଇକି ଗଲି। ବସ୍‌ରେ ଅନ୍ୟ ଲୋକଙ୍କୁ କହିଲି ଟିକେ ଜଗିଥବେ, ବସ୍ କାଳେ ଛାଡିଦେବ। ଶୌଚାଳୟରୁ ଆସିବା ପରେ ବସ୍‌ରେ ବସିଲୁ। ବସ୍ ଛାଡ଼ିଲା। ମୁଁ ପ୍ରତି ୧୦ ମିନିଟ୍‌ରେ ଥରେ ପାଣି ପିଇବାକୁ ଏବଂ ବିସ୍କୁଟ ଖାଇବାକୁ କହୁଥାଏ କାଳେ ମୁଣ୍ଡ ବୁଲେଇବ। ବୁଢ଼ୀ ଲୋକ, ସକାଳୁ କିଛି ଖାଇ ନାହାନ୍ତି। ମନେ ମନେ ତାଙ୍କ ଝିଅ ଜ୍ୱାଇଁଙ୍କୁ ବହୁତ ଗାଳି କରୁଥାଏ। ଏଇ ବୟସରେ କିଛି ମନେ ରହୁନଥିବା ମା'କୁ କେମିତି ଛାଡି ଦେଇଛନ୍ତି ଝିଅ ଜ୍ୱାଇଁ। କେମିତି ହେଲାଣି ଏ ଦୁନିଆ। ଧୀରେ ଧୀରେ ବସ୍ ଭିତରେ ସମସ୍ତେ ମାଉସୀ ସହ କଥା ହେବାକୁ ଲାଗିଲେ। କାର୍ତ୍ତିକ ମାସ ସମୟ ବୋଲି ସମସ୍ତେ ଭାବିଲେ ବୋଧେ ସେ ହବିଷ ପାଳନ କରିବାକୁ ସରକାରଙ୍କ ତରଫରୁ ମାଗଣାରେ ପୁରୀ ଯାଉଛନ୍ତି। ବହୁତ ଲୋକ କିଏ ୧୦ ଟଙ୍କା, ୨୦ ଟଙ୍କା ଏମିତି ପାଇସା ଦେଉଥାନ୍ତି, ମୁଁ ବି ଦେଲି। ମାଉସୀକୁ କହୁଥାନ୍ତି ମାଉସୀ ନେ ଦୀପ ଜାଳିବୁ। ତୋର ସବୁ ଦୁଃଖ ଦୂର ହେବ ଆମ ପାଇଁ ବି ଭଗବାନଙ୍କୁ ଡାକିବୁ। ଆଉ ଜଣେ ସହୃଦୟ ବ୍ୟକ୍ତି ବି ତାଙ୍କୁ ୧୦୦ଟି ଟଙ୍କା ଦେଲେ। କହିଲେ ମାଉସୀ ସେ ଭଗବାନ ତୋର ଭରସା। ସମସ୍ତେ ଏଇଆ ଭାବି ତାକୁ ପଇସା ପତ୍ର ଦେଉଥାନ୍ତି କିନ୍ତୁ ସେ ମାଉସୀ ନିଶବ୍ଦ। କିଛି କହିପାରୁ ନଥାନ୍ତି। କିଛି ମନେ ପଡୁ ନଥାଏ। ସେ ପଇସା ବି ନେଉ ନଥାନ୍ତି। ଏତେ ଅସୁବିଧାରେ ଥାଇ ବି ନିଜ ଆତ୍ମସମ୍ମାନକୁ ଦେଖୁଥାଏ। ମୋ ଆଖିରେ ଲୁହ ଜାକି ହେଇ ଆସୁଥାଏ। ଲୋକଙ୍କ ଠୁ ଲୁଚେଇ ମନ ଭିତରେ କାନ୍ଦୁଥାଏ ତାଙ୍କ କଷ୍ଟ ଦେଖି। ଏମିତି ହେଇ କଳ୍ପନାରେ ବସ ରହିଲା। ମୁଁ ମାଉସୀ ଠୁ ବିଦାୟ ନେଲି। କଣ୍ଡକ୍ଟରକୁ କହିଦେଇ ଗଲି ଭାଇ ଦୟାକରି ଏଇ ମାଉସୀଙ୍କୁ ପୁରୀ ବସ୍‌ଷ୍ଟାଣ୍ଡରେ ଓହ୍ଲେଇ ଦେବେ। ସେ କହିଲେ ତୁମେ ନିଶ୍ଚିତ ହୁଅ। ଆମେ ଓହ୍ଲେଇ ଦେବୁ। ତା'ପରେ ମୁଁ କଳ୍ପନାରୁ ଓହ୍ଲେଇ ମୋ ହଷ୍ଟେଲକୁ ଗଲି। ହଷ୍ଟେଲରେ ପହଞ୍ଚି ଫେସ୍‌ବୁକ୍‌ରେ ପୋଷ୍ଟ ଦେଖିଲି ସେଇ ମାଉସୀଙ୍କ ବିଷୟରେ। (ଦୃଶ୍ୟ-୧) ହତବାକ ହେଲି ଘଟଣା ଶୁଣି। ଧିକ୍କାର କଲି ସେ ପୁଅ-ଝିଅଙ୍କୁ ଯିଏ ନିଜ ମା' ଯାହାଠୁ ଜନ୍ମ ତାର ପାଳନ ପୋଷଣ ପାଇଁ ଅସମର୍ଥ। ଭାବିଲି କ'ଣ ବାର୍ଦ୍ଧକ୍ୟ ସତରେ ଏତେ କଷ୍ଟଦାୟକ। କଣ ଏ ଦୁନିଆ ଏ ସଂସାର ଏତେ ନିଷ୍ଠୁର। ଯିଏ ଦିନେ ଚଲେଇବା ଶିଖେଇଥିଲା ତା ପରିଣତ ବୟସରେ ତା ହାତ ଧରି ଚଲେଇବା ଏତେ କଷ୍ଟ? କେଡେ ନିଷ୍ଠୁର ଏ ଦୁନିଆ। ଆଖିରେ ନାଚୁଥିଲା ମାଉସୀଙ୍କ ସେ ନିରୀହ ଚେହେରା ଏବଂ ସେ ସ୍ନେହ ଭରା ଆଶୀର୍ବାଦର ହାତ ମୋ ମୁଣ୍ଡ ଉପରେ, 'ଭଗବାନ ତୋର ମଙ୍ଗଳ କରନ୍ତୁ ଝିଅ'। ଉଙ୍କି ମାରୁଥିଲା ପ୍ରଶ୍ନ, କଣ ସତରେ ଏତେ ନିଷ୍ଠୁର ବୟସର 'ଅପରାହ୍ନ'।

*ଯାଜପୁର*

# ମେକ୍ ଇନ୍ ଓଡ଼ିଶା ପାଇଁ ଫିକି ଜାତୀୟ ସହଯୋଗୀ




**ଭୁବନେଶ୍ୱର :** ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶାକୁ ପୁଞ୍ଜି ନିବେଶର ଗନ୍ତବ୍ୟସ୍ଥଳ ଭାବେ ଗଢ଼ି ତୋଳିବା ଲାଗି ରାଜ୍ୟ ସରକାର ସମସ୍ତ ପ୍ରକାର ପ୍ରୟାସ ଜାରି ରଖିଛନ୍ତି। ଭିଡିଓକନଫରେନ୍ସି ମାଧ୍ୟମରେ ଇପିକଲ୍ ଏବଂ ଫିକି ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହେବା ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା କହିଛନ୍ତି। ମେକ୍ ଇନ୍ ଓଡ଼ିଶାର ପରବର୍ତ୍ତୀ ସଂସ୍କରଣ ଲାଗି ନିବେଶ ଆହ୍ୱାନ ନିମନ୍ତେ ଫିକି ନ୍ୟାସନାଲ ପାର୍ଟନର ଭାବେ କାର୍ଯ୍ୟ କରିବ। ମୁଖ୍ୟମନ୍ତ୍ରୀ ଏହି ଅବସରରେ କହିଛନ୍ତି ଯେ ସକାରାତ୍ମକ ନୀତି ନିର୍ଦ୍ଧାରଣ, ଭିତ୍ତିଭୂମୀ ସୁଦୃଢ଼ୀକରଣ, ଦକ୍ଷ ମାନବ ସମ୍ବଳ ଏବଂ ଫଳପ୍ରଦ ଭିତ୍ତିକ ପ୍ରଶାସନିକ ବ୍ୟବସ୍ଥା ଓଡ଼ିଶାକୁ ଏହି ଲକ୍ଷ୍ୟ ହାସଲ କରିବାରେ ସହାୟକ ହେବ। ୫ଟି ପଦକ୍ଷେପ ଶାସରେ ପରିବର୍ତ୍ତନ ଆଣିଛି। ଶିଳ୍ପ ଅଭିବୃଦ୍ଧି ତଥା ବିକାଶ କ୍ଷେତ୍ରରେ ରାଜ୍ୟ ପରବର୍ତ୍ତିର ପଦକ୍ଷେପ ଗ୍ରହଣ କରିବ ବୋଲି ଏହି ବୁଝାମଣା ସ୍ୱାକ୍ଷର ଅବସରରେ ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି। ସେହିପରି ଜାତୀୟ ପାର୍ଟନର ଭାବରେ ମୁଖ୍ୟମନ୍ତ୍ରୀ ଫିକିକୁ ସ୍ୱାଗତ ଜଣାଇ କହିଛନ୍ତି ଯେ ୨୦୧୬ ଓ ୨୦୧୮ରେ ଅନୁଷ୍ଠିତ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍ ଫଳରେ ରାଜ୍ୟରେ ବିବିଧ ଶିଳ୍ପ ଭିତ୍ତିଭୂମି ସୃଷ୍ଟି ହେବା ସହିତ ନୂତନ ପୁଞ୍ଜିନିବେଶ ପରିମାଣରେ ଯଥେଷ୍ଟ ବୃଦ୍ଧି ଘଟିପାରିଛି। ଏହା ଫଳରେ ରାଜ୍ୟ ଦେଶର ଏକ ପ୍ରମୁଖ ପୁଞ୍ଜିନିବେଶ ଗନ୍ତବ୍ୟସ୍ଥଳ ଭାବରେ ପ୍ରତିଷ୍ଠିତ ହୋଇପାରିଛି। କୋଭିଡ-୧୯ ସତ୍ତ୍ୱେ ଏକ ଆକର୍ଷଣୀୟ ବିନିଯୋଗ ଲକ୍ଷ୍ୟସ୍ଥଳ ଭାବରେ ରାଜ୍ୟର ଉନ୍ନତ ପ୍ରଦର୍ଶନ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ, ଏହି କଠିନ ସମୟରେ ମଧ୍ୟ ନିବେଶକ ସମୁଦାୟ ନିକଟରେ ପହଞ୍ଚିବା ପାଇଁ ଓଡ଼ିଶା ବିଭିନ୍ନ ପୁଞ୍ଜିବିନିଯୋଗ ପ୍ରତ୍ୟାହନ କାର୍ଯ୍ୟ କଳାପ ଏବଂ ଡିଜିଟାଲ ଟେକ୍ନୋଲଜିର ବ୍ୟବହାର କରିଛି। ଫେବୃଆରୀ ୨୦୨୦ ଠାରୁ ରାଜ୍ୟ ୨୪ହଜାର ୩୦୦ କୋଟିର ନୂଆ ପୁଞ୍ଜି ବନିଯୋଗକୁ ଆକର୍ଷିତ କରିପାରିଛି ବୋଲି ସେ ସୂଚନା ଦେଇଥିଲେ। ସେ କହିଥିଲେ ଯେ ନିରବଚ୍ଛିନ୍ନ, ନିର୍ବିଘ୍ନ ଏବଂ ତୁରନ୍ତ ପୁଞ୍ଜି ବିନିଯୋଗ ସୁବିଧାକୁ ସକ୍ଷମ କରିବା ପାଇଁ ଓଡ଼ିଶା ସିଙ୍ଗିଲ ୱିଣ୍ଡୋ ଫ୍ରେମ ୱାର୍କ କାର୍ଯ୍ୟକାରୀ କରୁଛି। ଶିଳ୍ପ ପ୍ରକଳ୍ପ ଗୁଡ଼ିକର ଭିତ୍ତିଭୂମି ପ୍ରତିଷ୍ଠା କ୍ଷେତ୍ରରେ ଓଡ଼ିଶା ଏକ ପ୍ରମୁଖ ଗନ୍ତବ୍ୟ ସ୍ଥଳ ହୋଇଛି। ଶିଳ୍ପମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର ଭଦ୍ରକରୁ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଯୋଗଦେଇ ପୂର୍ବରୁ ଆୟୋଜିତ ମେକ୍ ଇନ୍ ଓଡ଼ିଶାର ସଫଳତା ସମ୍ପର୍କରେ ସୂଚନା ଦେଇଥିଲେ। ସେ କହିଥିଲେ ପୂର୍ବରୁ ମେକ୍‌ଇନ୍ ଓଡ଼ିଶା କନ୍‌କ୍ଲେଭରେ ଆସିଥିବା ୬ ଲକ୍ଷ କୋଟି ଟଙ୍କାରୁ ଅଧିକ ନିବେଶ ପ୍ରସ୍ତାବ ମଧ୍ୟରୁ ୬୦ପ୍ରତିଶତ କାର୍ଯ୍ୟାନ୍ୱୟନ ବିଭିନ୍ନ ସ୍ତରରେ ରହିଛି। ହାଇଦ୍ରାବଦରୁ ଫିକି ସଭାପତି ଡକ୍ଟର ସଙ୍ଘମିତ୍ରା ରେଡ୍ଡୀ ଯୋଗଦେଇ କହିଥିଲେ ଯେ ଓଡ଼ିଶା ସହିତ ଫିକିର ଏକ ସ୍ୱତନ୍ତ୍ର ସମ୍ପର୍କ ରହିଛି। ଜାତୀୟ ସହଯୋଗୀ ହୋଇଥିବାରୁ ଫିକି ଗୌରାବନ୍ୱିତ ମନେ କରୁଛି। ଏହି ଅବସରରେ ଶିଳ୍ପ ବିଭାଗ ପ୍ରମୁଖ ସଚିବ ହେମନ୍ତ ଶର୍ମା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଫିକିର ମହାସଚିବ ଦିଲ୍ଲୀପ ଚିନ୍ମୟ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର, ଆରକେ ଶର୍ମା, ଇପିକଲର ପରିଚାଳନା ନିର୍ଦ୍ଦେଶକ ନିତିନ ଭାନୁଦାସ ଜୱାଲେ, ମୁଖ୍ୟମନ୍ତ୍ରୀଙ୍କ ସଚିବ (୫ଟି) ଭିକେ ପାଣ୍ଡିଆନ୍, ଫିକି ଓଡ଼ିଶାର ପ୍ରତିନିଧି ମୋନିକା ନାୟର ପଟ୍ଟନାୟକ ଯୋଗଦେଇଥିଲେ।

## ତିନି ଦଫା ଦାବି ପୂରଣ ନହେବା ଯାଏ ଆନ୍ଦୋଳନ ଜାରି



**ନରସିଂହପୁର :** ନରସିଂହପୁର ଓକିଲ ସଂଘ ପକ୍ଷରୁ ତିନିଦଫା ଦାବି ନେଇ ଡକରା ଦିଆଯାଇଥିବା ଆନ୍ଦୋଳନ ଚତୁର୍ଥ ଦିନରେ ପହଞ୍ଚିଛି। ଓକିଲ ସଂଘ କମିଟିର ଅଧକ୍ଷ ତ୍ରିଲୋଚନ ମହାପାତ୍ର ଙ୍କ ଅଧକ୍ଷତାରେ ତହସିଲଦାରଙ୍କ ବଦଳି, ଅତିରିକ୍ତ ତହସିଲଦାରଙ୍କ କାର୍ଯ୍ୟରେ ଯୋଗଦାନ ଓ ସବରେଜେଷ୍ଟ୍ରି ଅଧିକାରୀ ଙ୍କ ନିଯୁକ୍ତି ଦାବିରେ ଡକରା ଦିଆଯାଇଥିବା ଏହି ଆନ୍ଦୋଳନକୁ ନେଇ ତିନିଦିନଧରି ତହସିଲ କାର୍ଯ୍ୟ କୁ ଓକିଲ ସଂଘ ପକ୍ଷରୁ ବନ୍ଦ କରାଯାଇଛି। ଉକ୍ତ ଘଟଣାକୁ ନେଇ ଆଜି ଉପଜିଲ୍ଲାପାଳ ଆଠଗଡ ଅଜୟର ମହାନ୍ତି ନରସିଂହପୁର ସଂଘ କାର୍ଯ୍ୟାଳୟରେ ପହଞ୍ଚି ଥିଲେ। ତାଙ୍କ ସହିତ ଏସଡିପିଓ ଆଠଗଡ ଅଲୋକ ରଞ୍ଜନ ରାୟ , ନରସିଂହପୁର ଥାନା ଅଧିକାରୀ ଲିଙ୍ଗରାଜ ଲେଙ୍କା, ବିଡିଓ ପ୍ରଦୀପ କୁମାର ସାହୁ ଉପସ୍ଥିତ ରହି ବିଭିନ୍ନ ଘଟଣା ସମ୍ପର୍କରେ ଅଲୋଚନା କରିଥିଲେ। ଉକ୍ତ ଆଲୋଚନାରେ ଓକିଲ ସଂଘ ପକ୍ଷରୁ ତହସିଲଦାରଙ୍କ ବଦଳିକୁ ନେଇ ଦୃଢ ଦାବି କରାଯାଇଥିଲା। ଉପଜିଲ୍ଲାପାଳ ଶ୍ରୀ ମହାନ୍ତି ଓକିଲ ସଂଘଠାରୁ ସମସ୍ତ କଥା ଶୁଣିବା ପରେ ବର୍ତ୍ତମାନ ସମୟରେ ତୁରନ୍ତ ନୂତନ ତହସିଲଦାରଙ୍କର ନିଯୁକ୍ତିକୁ ନେଇ ଜିଲ୍ଲାପାଳଙ୍କ ସହିତ କଥାବାର୍ତ୍ତା କରିବା ପାଇଁ ନିଷ୍ପତି ନେବା ସହିତ ଅଞ୍ଚଳର ଜନସାଧାରଣ କିଭଳି ସେବାରୁ ନିବୃତ ରହିବେ ନାହିଁ ତାହାକୁ ନେଇ ବର୍ତ୍ତମାନ କାର୍ଯ୍ୟ ଚଳାଇବା ପାଇଁ ମତବ୍ୟକ୍ତ କରିଥିଲେ। ମାତ୍ର ସଂଘର ନିଷ୍ପତି କ୍ରମେ ଯେ ପର୍ଯ୍ୟନ୍ତ ତହସିଲଦାରଙ୍କ ବଦଳି ଏବଂ ଅନ୍ୟ ଦୁଇଟି ଦାବି ପୁରଣ ନହୋଇଛି। ସେ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସଂଘର କୋଷାଧକ୍ଷ ଲଳିତ କେଶରୀ ବିଶ୍ୱାଳ କହିଥିଲେ। ଉକ୍ତ ଆଲୋଚନାରେ ଆଇନଜୀବୀ ପ୍ରଫୁଲ୍ଲ କୁମାର ପଣ୍ଡା, ପୁର୍ବତନ ସଭାପତି ସରୋଜ କୁମାର ସାହୁ, ରବିନ୍ଦ୍ର ନାଥ ସାହୁ, ଭୂପେନ କୁମାର ଦାସ, ଗୋଲଖବିହାରୀ ସାହୁ, ଶ୍ରୀକାନ୍ତ ମିଶ୍ର, ଅଶୋକ କୁମାର ଶତପଥି, ପ୍ରକାଶ ପ୍ରଧାନ, ପ୍ରକାଶ ମହାପାତ୍ର, ପୀତବାସ ମହାପାତ୍ର, ଅଶ୍ୱିନୀ ରଣା, ମନୋରଞ୍ଜନ ପଣ୍ଡା ପ୍ରମୁଖଙ୍କ ସମେତ ସମସ୍ତ ଆଇନଜୀବୀ ସକ୍ରିୟ ଅଂଶ ଗ୍ରହଣ କରିଥିଲେ।

## ବିଜେଡି ପକ୍ଷରୁ କରୋନା ସଚେତନତା ଅଭିଯାନ




**ବାରିପଦା :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ସାରା ରାଜ୍ୟରେ ବିଜୁ ଜନତା ଦଳ ପକ୍ଷରୁ ଅକ୍ଟବର ୨ ତାରିଖରୁ ନଭେମ୍ବର ୨ ପର୍ଯ୍ୟନ୍ତ ମହାମାରୀ କୋରନା ବିରୁଦ୍ଧରେ ଜନ ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଚାଲିଛି। ବାରିପଦା ସାପ୍ତାହିକ ହାଟରେ ବିଜୁ ଜନତା ଦଳ ମୟୂରଭଞ୍ଜ ତରଫରୁ କୋରନା ବିରୁଦ୍ଧରେ ସଚତେନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଜନସାଧାରଣ ଓ ବ୍ୟବସାୟୀଙ୍କୁ କୋରନା ମହାମାରୀ ସମ୍ବନ୍ଧରେ ସଚେତନ କରାଇବା ସଙ୍ଗେ ସଙ୍ଗେ ଲିଫଲେଟ୍, ମାସ୍କ ଓ ସାନିଟାଇଜର ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଜୁ ଜନତା ଦଳର ପ୍ରମୁଖ ନେତୃବୃନ୍ଦ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ବିଜୁ ଯୁବ ଛାତ୍ର ଜନତା ଦଳ ଆନୁକୁଲ୍ୟରେ ହୋଇଥିଲା। ଏଥିରେ ବିଜୁ ଜନତା ଦଳର ବରିଷ୍ଠ ନେତା ସରୋଜ ମହାପାତ୍ର, ମହେଶ ଭଞ୍ଜଦେଓ, ଦେବିଦତ୍ତ ଦାସ, ରତ୍ନାକର ବେହେରା, ଜିଲ୍ଲା ମହିଳା ସଭାପତି ବୀଣାପାଣି ସାହୁ, କାର୍ଯ୍ୟକାରୀ ସଭାପତି ସବୀତା ବେହେରା, ମହିଳା ନେତ୍ରୀ ପ୍ରତିରନ୍ଦା କାନନୁଗ, ପ୍ରତିଭା ପୃଷ୍ଟି, ମହିଳା ସହର ସଭାପତି ଗୀତାରାଣୀ ବେହେରା, ଯୁବ ବିଜେଡି ଜିଲ୍ଲା ସଭାପତି ଅରୁଣ ବରାଡ, ଛାତ୍ର ବିଜେଡି ଜିଲ୍ଲା ସଭାପତି ସୁନିଲ କୁମାର ନାୟକ, ରାଜ୍ୟ ଛାତ୍ର ବିଜେଡି ସମ୍ପାଦକ ଅଭୟ ସିଂ, ଯୁବ ନେତା ଶ୍ରବଣ ଗୋପ୍, ମନରଞ୍ଜନ ମୁଖୀ, ଗୋବିନ୍ଦ ବେହେରା, ସରୋଜ ଶତପଥୀ, ସ୍ୱାଧୀନ ମିଶ୍ର, ସମରଜିତ ଗୋସ୍ୱାମୀ, ଛାତ୍ର ନେତା ସଚୀନ ମହାପାତ୍ର, ଅବଦୁଲ ହବିବ୍, ସୁଶିଲ ସେଠୀ, ଅମିତ ବୈଠା, ଦୀପକ ମଲୁଆଲ, ବିକାଶ ବାରିକ, ଆଭାସ ଦେ, ଜିତ୍ ପଟ୍ଟନାୟକ, ସୁଲଦିପ ଘଡେଇ, ଆର୍ଶିବାଦ ଦାସ, ସୁରୋଜ ବେହେରା, ରାମ ହେମ୍ବ୍ରମ୍, ଦୀଲ୍ଲିପ ଚୌଧୁରୀ, ସରୋଜ ନାଏକ, ବାପୁନ ଦାସ, ଏମ.ଡି. ଦିନେଶ ପ୍ରମୁଖ ଉପସ୍ଥିତ ଥିଲେ।

## ତିର୍ତ୍ତୋଲରେ ଥମୁନି ବିଷ୍ଣୁ-ରାଜଶ୍ରୀ ବିବାଦ

**ଜଗତସିଂହପୁର:** ତିର୍ତ୍ତୋଲ ଉପ ନିର୍ବାଚନ କୁ ନେଇ ରଘୁନାଥପୁର ବ୍ଲକ ର ୧୯ଗୋଟି ଗ୍ରାମ ପଞ୍ଚାୟତ ମଧ୍ୟରୁ ଗୁଆଳିପୁର ଗ୍ରାମ ପଞ୍ଚୟତର ରାଧାନଗର ଗ୍ରାମରେ ପ୍ରଥମ ଥରକରି ପଞ୍ଚାୟତ ସ୍ତରିୟ ଏକ କର୍ମୀ ସମ୍ମିଳନୀ ବିଜେଡି ପକ୍ଷରୁ କରାଯାଇଥିଲା। ଏହି କର୍ମୀ ସମ୍ମିଳନୀରେ ଶତାଧିକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ମାନଙ୍କୁ ଦେଖିବାକୁ ମିଳୁଥିବା ବେଳେ ସାଂସଦ ଡ଼ାଃ ରାଜଶ୍ରୀ ମଲ୍ଲିକଙ୍କ ହଜାର ହଜାର କର୍ମୀ ଓ ନେତା ମାନଙ୍କ ଦବ୍‌ଦବା ଦେଖିବାକୁ ମିଳିଥିଲା। ପଞ୍ଚାୟତ ସ୍ତରୀୟ ଏହି କର୍ମୀ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ରଘୁନାଥପୁର ବ୍ଲକ ଦାୟୀତ୍ୱରେ ଥିବା ଯୋଜନା ବୋର୍ଡ ଉପାଧକ୍ଷ ସଞ୍ଜୟ ଦାସ ବର୍ମା ଏଥିରେ ମୂଖ୍ୟ ଅତିଥି ଭାବେ ଯୋଗ ଦେଇ ଗ୍ରାମ ପଞ୍ଚାୟତର ବିଭିନ୍ନ ସମସ୍ୟା ସମ୍ପର୍କରେ କର୍ମୀ ମାନଙ୍କ ଠାରୁ ପଚାରି ବୁଝିଥିଲେ। ଆମ ପ୍ରାର୍ଥୀ ବିଜୟ ଶଙ୍କର ଦାସଙ୍କୁ ଭାଷଣ ଛଳରେ କହି ସ୍ୱର୍ଗତ ବିଷ୍ଣୁ ଦାସଙ୍କ ପ୍ରତି ଏହା ଆମ ପାଇଁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି ପ୍ରକାଶ କରିଥିଲେ। ଏହି କର୍ମୀ ସମ୍ମିଳନୀରେ ବିଜେଡି ରାଜ୍ୟ ଉପସଭାପତି ରାଜା ଚକ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ବିଜେଡି ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂଦେଓ, ପ୍ରିତି ରଞ୍ଜନ ଘଡେଇ, ରଘୁନାଥପୁର ବ୍ଲକ ଅଧକ୍ଷା ସ୍ୱପ୍ନ ସରିତା ବଳ, ବ୍ଲକ ଉପାଧକ୍ଷ ତଥା ବ୍ଲକ ସଭାପତି ଦେବାଶୀଷ ତ୍ରିପାଠୀ, ଜିଲ୍ଲା ପରିଷଦ ସଭ୍ୟା ଡେଜାଲିନ୍ ମହାପାତ୍ର, ଦୁର୍ଗା ପ୍ରସାଦ ସାମନ୍ତରାୟ, ଗୁଆଳିପୁର ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ସର୍ବେଶ୍ୱର ପଟ୍ଟନାୟକ, ଅମ୍ବିକା ପ୍ରସାଦ ଦାସ ଓ ରବୀନ୍ଦ୍ର ନାଥ ସ୍ୱାଇଁ(ବାବୁ ଲେଙ୍କା) ପ୍ରମୁଖ ଉପସ୍ଥିତ ଥିଲେ କିନ୍ତୁ କିଛି ଦିନ ତଳେ ରଘୁନାଥପୁର ବ୍ଲକରେ ଯେଉଁ ବିଜେଡି କର୍ମୀ ମାନଙ୍କ ମିଶ୍ରଣ ପର୍ବ ହୋଇଥିଲା ଓ ରାଜଶ୍ରୀ- ବିଷ୍ଣୁ ବିବାଦ ଆଉ ନହେବା ପାଇଁ କର୍ମୀ ମାନଙ୍କୁ ସତର୍କ କରାଯାଇଥିଲା ହେଲେ ସେ ଘଟଣା ଏଥିରେବି ଦେଖିବାକୁ ମିଳିଥିଲା। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ବିଧାୟକ ସ୍ୱର୍ଗତ ଦାସଙ୍କ ନିକଟରେ ଥିବା ବ୍ଲକ ଅଧକ୍ଷା ଶ୍ରୀମତୀ ବଳଙ୍କୁ ସଭାରେ ଦେଖିବାକୁ ମିଳିଥିବା ବେଳେ ସେମାନଙ୍କ ଛାମୁଆ ନେତା ଓ କର୍ମୀ ମାନଙ୍କୁ ଆଦୌ ଦେଖିବାକୁ ମିଳି ନଥିଲା । ଫଳରେ ସାଂସଦଙ୍କ କର୍ମୀ ମାନେ ମାରିନେଲେ ମହାପାତ୍ରେ ଚାହିଁ ଚାହିଁ ଜଳକା ବୋଲି କର୍ମୀ ମାନଙ୍କ ମଧ୍ୟରେ ଆଲୋଚନା ହେଉଥିଲା। ଏ ସମ୍ପର୍କରେ ଆମ ପ୍ରତିନିଧି ବ୍ଲକ ଉପାଧକ୍ଷ ଶ୍ରୀ ତ୍ରିପାଠୀଙ୍କୁ ପଚାରିବାରେ ସେ କହିଥିଲେ ଯେ ପଞ୍ଚାୟତ ସ୍ତରୀୟ ସମସ୍ତ ନେତା ଓ କର୍ମୀ ମାନଙ୍କୁ ନିମନ୍ତ୍ରଣ କରାଯାଇଥିଲା କିନ୍ତୁ ସେମାନେ ଏଠାରେ କାହିଁକି ଉପସ୍ଥିତ ହେଲେ ନାହିଁ ସେ ସମ୍ପର୍କରେ ମୁଁ କହିପାରିବି ନାହିଁ। ତାଙ୍କ କଥାରୁ ସ୍ପଷ୍ଟ ବାରି ହୋଇପଡୁଥିଲାଯେ ଏହି କର୍ମୀ ସମ୍ମିଳନୀରେ ବିଜେଡି କର୍ମୀ ମାନଙ୍କ ମଧ୍ୟରେ ଛକା ପଞ୍ଝା ଲାଗିରହିଛି। ତେଣୁ ପ୍ରାର୍ଥୀ ବିଜୟ ଶଙ୍କରଙ୍କ ଭାଗ୍ୟ ଯେ କଣ ହେବ ତାହା ନିର୍ବାଚନ ପରେ ଜଣା ପଡିବ। ଏହି ପଞ୍ଚାୟତ ସ୍ତରୀୟ କର୍ମୀ ସମ୍ମିଳନୀରେ ଗୁଆଳିପୁର ଗ୍ରାମ ପଞ୍ଚାୟତର ସରପଞ୍ଚ ଜାନକୀ ବଲ୍ଲଭ ସ୍ୱାଇଁ ଶେଷରେ ସଭା ସାଙ୍ଗ କରିଥିଲେ।

## ସାମାଜିକ, ସାଂସ୍କୃତିକ ଉନ୍ନୟନ ପରିଷଦର ଶାରଦୀୟ ପୂଜାର ସମ୍ଭାର



**ନରସିଂହପୁର :** ସ୍ଥାନୀୟ ସିଆରିଆ ଗ୍ରାମରେ ଯୁବ ପିଢୀଙ୍କ ଅଗ୍ରଣୀ ଅନୁଷ୍ଠାନ ସାମାଜିକ , ସାଂସ୍କୃତିକ ଉନ୍ନୟନ ପରିଷଦ ଦ୍ୱାରା ଶାରଦୀୟ ପାର୍ବଣ ପର୍ବର ମହା ସମ୍ଭାରରେ ମହାଯାକ ଜମକରେ ସ୍ଥାନୀୟ ବାପୁଜୀ ପାଠାଗାର ଠାରେ ମା ଦୁର୍ଗତୀ ନାଶୀନି ମା ଦୁର୍ଗାଙ୍କର ମୃଣମୟୀ ପ୍ରତିଷ୍ଠା କରାଯାଇ ମାଙ୍କର ଷୋଡଶ ପୂଜା ମହା ସପ୍ତମୀ ରେ ମହା ସମ୍ଭାରରେ କୋଭିଡ- ୧୯ ର ସରକାର ଙ୍କର ସମସ୍ତ ନିତିନିୟମ କୁ କଡାକଡି ଭାବରେ ପାଳନ କରାଯାଇ ପୂଜା ଆରମ୍ଭ କରାଯାଇଛି। ସମଗ୍ର ସିଆରିଆ ତଏଳା, ବିଶ୍ୱନାଥ ପୁର, ଏବଂ ଡୁମାର ବୋରେଇ ଇତ୍ୟାଦି ଗ୍ରାମର ନୁତନ ଯୁବ ପିଢିମାନଙ୍କୁ ନେଇ ଗଠିତ ସାମାଜିକ ସାଂସ୍କୃତିକ ଉନ୍ନୟନ ପରିଷଦ ମାଆଙ୍କ ପୂଜାକୁ ହାତକୁ ନେଇ ଏକ ନୁଆ ଉଦ୍ଦିପନାର ପରିବେଶ ସୃଷ୍ଟି କରିବା ସହ ଆଗକୁ ବାପୁଜୀ ପାଠାଗାରର ୮୦ତମ ଜନ୍ମ ଶତ ବାର୍ଷିକ ମଧ୍ୟ ସେହି କୋଭିଡ ର କଟକଣାକୁ ନେଇ ପାଳନ କରାଯିବ । ଏହି ପରିପ୍ରେକ୍ଷିରେ ମାଆଙ୍କ ପୀଠରେ ସପ୍ତମୀ ପୁଜା ଅବସରରେ ଯୁବପୀଢି ମାନଙ୍କ ଦ୍ୱାରା ନିଡାମ୍ବର ସହକାରେ କଳସ ଯାତ୍ରା ପରେ ଏହାକୁ ସ୍ଥାପନା କରାଯାଇ ପୁଜାର୍ଚ୍ଚନା କରାଯାଇଥିଲା। ଗ୍ରାମର ସମସ୍ତ ଉନ୍ନୟନ ମୁଳକ କାର୍ଯ୍ୟକ୍ରମରେ ତଥା ସାସ୍କୃତିକ କାର୍ଯ୍ୟକ୍ରମରେ ସାମିଲ ହୋଇ ସିଆରିଆର ଉନ୍ନତି ମୁଳକ ପରିବେଶ କୁ ଆଗକୁ ନେବା ପାଇଁ ବଦ୍ଧ ପରିକର। ଏଥି ପାଇଁ ସମସ୍ତ ପ୍ରକାର ସାହାର୍ଯ୍ୟ ସହଯୋଗର ହାତ ବଢାଇବ ବୋଲି ସ୍ଥାନୀୟ ପଞ୍ଚାୟତ ସମିତ ଅଧ୍ୟକ୍ଷ କିଶୋର ଚନ୍ଦ୍ର ମିଶ୍ର ଏବଂ ବିଧାୟକ ଦେବୀ ପ୍ରସାଦ ମିଶ୍ର ମଧ୍ୟ ପ୍ରତିଶ୍ରୁତି ଦେଇଛନ୍ତି। ପରିଷଦର ଉପଦେଷ୍ଟା, ସାମ୍ବାଦିକ ସାନ୍ତନୁ କୁମାର ଗାଆଣ, ପରିଷଦର ସଭାପତି ଅମୀୟ କୁମାର ସାହୁ, ବାପୁଜୀ ପାଠାଗାରର ସମ୍ପାଦକ ବିଶ୍ୱରଞ୍ଜନ ସାହୁ, ସୁଦିପ୍ତ କୁମାର ସାହୁ, ପ୍ରମୋଦ କୁମାର ସାହୁ, ସମାଜସେବୀ ପ୍ରିୟସୁନ୍ଦର ଅତିବୁଦ୍ଧି, ଅମିୟ ସୁନ୍ଦର ସାହୁ, ସଦାନନ୍ଦ ସାହୁ, ଆଶୁତୋଷ ରାଉଳ, ରଶ୍ମି ରଞ୍ଜନ ସାହୁ, ବିଜୟ କୁମାର ସାହୁ, ରମାକାନ୍ତ ସାହୁ, କାଳୀ ପ୍ରସାଦ ବାରିକ, ସିବାନନ୍ଦ ସାହୁ, ସରପଞ୍ଚ ପ୍ରଶନ୍ନ କୁମାର ମହାପାତ୍ର, ନରେନ୍ଦ୍ର କୁମାର ସାହୁ, ବିଶେଷ ସହଯୋଗରେ ପରିଷଦ ନେଇଥିବା ସମସ୍ତ କାର୍ଯ୍ୟକ୍ରମରେ ଦୁର୍ଗତି ନାଶିନୀ ମା ସପ୍ତମୀ ପୁଜାରେ ଅଭୟ ଦାୟାନୀ ଦେବୀ ଦୁର୍ଗା ସିଆରିଆକୁ ଦୃଷ୍ଟି ଦେବେ ବୋଲି ଆୟୋଜକ ମାନେ ପ୍ରକାଶ କରିଛନ୍ତି।

# ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବାରେ ସମ୍ବେଦନଶୀଳ ହୁଅନ୍ତୁ ରାଜ୍ୟ ସରକାର : ଧର୍ମେନ୍ଦ୍ର




**ଭୁବନେଶ୍ୱର/ଜଗତସିଂହପୁର :** ମୋଦି ସରକାର କରୋନା ସମୟରେ ଓଡ଼ିଶା ପାଇଁ ୨୨ ହଜାର ୨୬୭ କୋଟି ଟଙ୍କାର ସହାୟତା ପ୍ୟାକେଜ୍ ଦେଇ ସମ୍ବେଦନଶୀଳ ସରକାରର ପରିଚୟ ଦେଇଥିବା ବେଳେ ଓଡ଼ିଶାରେ ସ୍ୱାସ୍ଥ୍ୟ ସେବା ଚରମ ସୀମାରେ ପହଞ୍ଚିଛି । ଏହା ରାଜ୍ୟ ସରକାରଙ୍କ ସମ୍ବେଦନହୀନତାର ପରାକାଷ୍ଠା ନୁହେଁ କି ବୋଲି ପ୍ରଶ୍ନ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ତେବେ ଲୋକଙ୍କ ସ୍ୱାସ୍ଥ୍ୟସେବା ପ୍ରତି ରାଜ୍ୟ ସରକାର ସମ୍ବେଦନଶୀଳ ହେବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। ଜଗତସିଂହପୁର ଜିଲ୍ଲା ତିର୍ତୋଲ ବିଧାନସଭା ଉପନିର୍ବାଚନ ପାଇଁ ଦଳ ପକ୍ଷରୁ ଆୟୋଜିତ ଭର୍ଚୁଆଲ ରାଲିରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ, ବିଶ୍ୱ ଏକ ଅଭାବନୀୟ ପରିସ୍ଥିତି ଦେଇ ଗତି କରୁଥିବା ବେଳେ ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟି କାରଣରୁ କୋଭିଡ୍-୧୯ ମୁକାବିଲା ଓ ପରିଚାଳନାରେ ଭାରତ ବିଶ୍ୱରେ ଏକ ଉଦାହରଣ ତିଆରି କରିପାରିଛି। ଅନ୍ୟପକ୍ଷରେ ଜଗତସିଂପୁର ଜିଲ୍ଲା ତିର୍ତୋଲ ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ୱାସ୍ଥ୍ୟ ଅବସ୍ଥା କଣ କରିଛି ? । ମୋଦି ସରକାର ଗରିବ ଲୋକଙ୍କ ପାଇଁ ଆୟୁଷ୍ମାନ ଯୋଜନାରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧାର ବ୍ୟବସ୍ଥା କରିଛନ୍ତି । ମାତ୍ର ରାଜ୍ୟରେ ଏପର୍ଯ୍ୟନ୍ତ ଆୟୁଷ୍ମାନ ଯୋଜନା ଲାଗୁ ହେଲା ନାହିଁ। ରାଜ୍ୟରେ ଆୟୁଷ୍ମାନ ଯୋଜନା ଲାଗୁ କରାଗଲେ ରାଜ୍ୟର ଲକ୍ଷାଧିକ ଗରିବ ଲୋକମାନେ ଲାଭ ପାଇପାରିବେ। ସେହିପରି କରୋନା ସମୟରେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ଓଡ଼ିଶାରେ ଲୋକଙ୍କୁ ବ୍ୟକ୍ତି ପିଛା ୫ କେଜି ଚାଉଳ ଏବଂ ପରିବାର ପିଛା ୧କେଜି ଡ଼ାଲି ଦେବାର ବ୍ୟବସ୍ଥା କରାଗଲା । ମାତ୍ର ରାଜ୍ୟ ସରକାର ଏଠାରେ ସଠିକ୍ ଭାବରେ ବାଣ୍ଟିପାରିଲେ ନାହିଁ । ଅପରପକ୍ଷରେ ବାହାରେ କାମ କରୁଥିବା ପ୍ରାୟ ୩୦ ଲକ୍ଷ ଲୋକଙ୍କୁ ରାଜ୍ୟକୁ ଫେରାଇ ଆଣିବା ପାଇଁ କେନ୍ଦ୍ର ସରକାର ସ୍ୱତନ୍ତ୍ର ଟ୍ରେନର ଉପଲବ୍ଧ କରାଇଛନ୍ତି। ସେମାନଙ୍କୁ ରୋଜଗାର ଦେବା ପାଇଁ ଗରିବ କଲ୍ୟାଣ ରୋଜଗାର ଅଭିଯାନ ଆରମ୍ଭ କରାଯାଇଛି। କିନ୍ତୁ ଦୀର୍ଘ ବର୍ଷ ଦାୟିତ୍ୱରେ ରହିବା ପରେ ବି ଏଠାକାର ସରକାର ପ୍ରବାସୀଙ୍କୁ ରୋଜଗାର ଦେଇପାରିଲେ ନାହିଁ। ରାଜ୍ୟ ସରକାର ବିଜେପୁର ଉପନିର୍ବାଚନରେ ଦେଇଥିବା ପ୍ରତିଶ୍ରୁତିରୁ ଗୋଟିଏ ପ୍ରତିଶ୍ରୁତି ମଧ୍ୟ ଏଯାଏଁ ପୂରଣ କଲେ ନାହିଁ । ଅନ୍ୟପକ୍ଷରେ ମୋଦି ସରକାର ଓଡ଼ିଶାକୁ ମୁକ୍ତ ହସ୍ତରେ ସହାୟତା କରିବା ପାଇଁ ପ୍ରସ୍ତୁତ । ଓଡ଼ିଶାକୁ ବିକାଶର ପ୍ରୟୋଗଶାଳା କରିବା ପାଇଁ କଟିବଦ୍ଧ ଥିବା ମୋଦି ସରକାରଙ୍କ ହାତମୁଠାକୁ ଅଧିକ ଟାଣ କରିବା ପାଇଁ ଶ୍ରୀ ପ୍ରଧାନ ଦଳୀୟ ପ୍ରାର୍ଥୀ ରାଜକିଶୋର ବେହେରାଙ୍କୁ ଭୋଟ ଦେବାକୁ ଜନସାଧାରଣଙ୍କୁ ନିବେଦନ କରିଥିଲେ । ତିର୍ତୋଲବାସୀ ଭୋଟ ଦେଇ ଓଡିଶା ରାଜନୀତିକୁ ନୂଆ ଦିଗଦର୍ଶନ ଦେବେ ବୋଲି ଶ୍ରୀ ପ୍ରଧାନ ଦୃଢୋକ୍ତି ପ୍ରକାଶ କରିଥିଲେ। ୨୦ ବର୍ଷ ଧରି ରାଜ୍ୟରେ ବିକାଶର ପ୍ରଚାର କରାଯାଉଛି ମାତ୍ର ବିକାଶ ହୋଇଛି କି ବୋଲି ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ବିଜେପି ରାଜ୍ୟ ସଭାପତି ସମୀର ମହାନ୍ତି ପ୍ରଶ୍ନ କରିଛନ୍ତି । ୧୯୯୯ ମହାବାତ୍ୟାରେ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତଃ ଅଟଳ ବିହାରି ବାଜପେୟୀ ସହାୟତାର ହାତ ବଢାଇ କେବଳ ଜଗତସିଂହପୁର ରାଜ୍ୟକୁ ୨୨ଲକ୍ଷ ଏବଂ ଜିଲ୍ଲାକୁ ୧ଲକ୍ଷ ୫୦ ହଜାର ଇନ୍ଦିରା ଆବାସ ଯୋଗାଇଦେଇଥିଲେ । ୨୦୦୪ ମସିହାରେ ବିଜେପିର ପୂର୍ବତନ ମନ୍ତ୍ରୀ ଦେବେନ୍ଦ୍ର ପ୍ରଧାନ ପାରାଦୀପ ଠାରେ ତୈଳ ବିଶୋଧନାଗାର ପ୍ଲାଂଟକୁ ଶୁଭ ଦେଇଥିଲେ ଯାହା ଏବେ କାର୍ଯ୍ୟକ୍ଷମ ଅଛି । ସେହିପରି ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ପାରାଦୀପ ବିକାଶର ପ୍ରବେଶ ଦ୍ୱାର ହେବାକୁ ଯାଉଛି ବୋଲି ବୋଲି ଶ୍ରୀ ମହାନ୍ତି କହିଛନ୍ତି । ରାଜ୍ୟସରକାରଙ୍କ ହୀନ ରାଜନୀତି ପାଇଁ କେନ୍ଦ୍ରସରକାରଙ୍କ ଅନୁଦାନରେ ହେବାକୁ ଥିବା ପ୍ଲାଷ୍ଟିକ ପାର୍କ ହୋଇ ପାରିଲା ନାହିଁ । ମୋ ପରିବାର ନାଁ କହି ରାଜ୍ୟସରକାର ଲୋକଙ୍କୁ ଲୁଟୁଛନ୍ତି। ତିର୍ତୋଲର ଯୁବପିଢୀଙ୍କୁ ରାଜ୍ୟ ସରକାର ନିଯୁକ୍ତି ଦେଇପାରିନଥିବା ଯୋଗୁଁ ଆଜି ସେମାନେ ନିଜ ଭିଟାମାଟି ଛାଡି ବାହାର ରାଜ୍ୟରେ କାମ କରୁଛନ୍ତି। ଗରିବ କଲ୍ୟାଣ ଯୋଜନା ମାଧ୍ୟମରେ ପ୍ରଧାନମନ୍ତ୍ରୀ ଗରିବ ଲୋକଙ୍କୁ ପ୍ରତି ପରିବାରକୁ ୧୧ ହଜାର ଟଙ୍କାର ଖାଦ୍ୟ ଯୋଗାଇ ଦେଇଛନ୍ତି । ପ୍ରଧାନମନ୍ତ୍ରୀଙ୍କ ଜନକଲ୍ୟାଣକାରୀ ଯୋଜନା ଓ କାର୍ଯ୍ୟଦକ୍ଷତାକୁ ଆଧାର କରି ନିଜ ହକ୍ ଏବଂ ଅଧିକାର ପାଇଁ ତିର୍ତୋଲ ପ୍ରାର୍ଥୀ ରାଜକିଶୋର ବେହେରାଙ୍କୁ ଆଶୀର୍ବାଦ କରିବ ପାଇଁ ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି ତିର୍ତୋଲବାସୀଙ୍କୁ ନିବେଦନ କରିଥିଲେ। ତିର୍ତୋଲ ବିଧାନସଭା ବିଧାୟକ ପ୍ରାର୍ଥୀ ରାଜକିଶୋର ବେହେରା ତିର୍ତୋଲରେ ଥିବା ସୂତା ମିଲର ପୁନରୁଦ୍ଧାର ଓ ଅନ୍ୟାନ୍ୟ ସମସ୍ୟା ଉପରେ କହିବା କରିବା ସହ ତିର୍ତୋଲର ବିକାଶ ପାଇଁ ବିଜେପି ପ୍ରତିଶ୍ରୁତିବଦ୍ଧ ଥିବା କହିଥିଲେ । କୋଭିଡ୍ ପରିଚାଳନାରେ ରାଜ୍ୟ ସରକାର ବିଫଳ ହୋଇଥିବା ବେଳେ ମୋଦି ସରକାର ଅନେକ ଓଡ଼ିଆ ପାଇଁ ଅନେକ ଆର୍ଥିକ ସହାୟତା ଓ ସମର୍ଥନ ଦେଇ ଆସୁଛନ୍ତି। ଏହି ଭର୍ଚୁଆଲ ରାଲିରେ ଭୁବନେଶ୍ୱରଠାରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତ୍ରୀ ସୁରମା ପାଢୀ, ରାଜ୍ୟ ସାଧାରଣ ସଂପାଦକ ପୃଥ୍ୱୀରାଜ ହରିଚନ୍ଦନ, ଡା.ଲେଖାଶ୍ରୀ ସାମନ୍ତସିଂହାର, ଜଗତସିଂହପୁର ଜିଲ୍ଲା ପ୍ରଭାରୀ ଶାରଦା ପ୍ରଧାନ; ତିର୍ତୋଲଠାରେ ରାଜ୍ୟ ଉପସଭାପତି ଭୃଗୁ ବକ୍ସିପାତ୍ର, ପ୍ରଭାତୀ ପରିଡା, ଜଗତସିଂହପୁର ଜିଲ୍ଲା ସଭାପତି ସତ୍ୟବ୍ରତ ମହାପାତ୍ର, ସାଂସଦ ପ୍ରାର୍ଥୀ ବିଭୁପ୍ରସାଦ ତରାଇ, ତିର୍ତୋଲ ବ୍ଲକର ପୂର୍ବତନ ଅଧ୍ୟକ୍ଷ ପ୍ରଦୀପ ନାୟକ, ଜିଲ୍ଲା ପରିଷଦ ସଦସ୍ୟ ଅଶୋକ ମହାରଣା, ଦିଲୀପ ମହାନ୍ତି, ପ୍ରମୋଦ ପ୍ରଧାନ, ରୂପକ ଖୁଂଟିଆ, ମଣ୍ଡଳ ସଭାପତି ସୁନନ୍ଦ ବିଶ୍ୱାଳ, ଶୁଶାନ୍ତ ମହାନ୍ତି, ବିଶ୍ୱଜିତ ନାୟକ, ସୁଦର୍ଶନ ପଣ୍ଡା, ଆଲୋକ ପଣ୍ଡା ପ୍ରମୁଖ ସମେତ ବହୁ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ।

# ଯା ଦେବୀ ସର୍ବଭୂତେଷୁ...



ଦୀପ୍ତି ମିଶ୍ର

ଶାରଦୀୟ ମହାପାର୍ବଣ କରୋନା ମହାମାରୀ ଭିତରେ ଆରମ୍ଭ ହୋଇଯାଇଛି। ମାଆ ଦଶଭୂଜା ଓହ୍ଲାଇଛନ୍ତି ଧରାପୃଷ୍ଠକୁ ଆମ୍ଭମାନଙ୍କୁ ଆଶୀର୍ବାଦ ଓ କୃପା ପ୍ରଦାନ ପାଇଁ। ଏହି ଦଶହରା ମହାପାର୍ବଣ ଅବସରରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ଥିବା ଶକ୍ତିପୀଠର ଆଧ୍ୟାତ୍ମିକ ଜାଗରଣ ଓ ମାଆଙ୍କ ସମ୍ବନ୍ଧରେ ଆଲେଖ୍ୟ।

***ମାଆ ବିରଜା :*** ପୁଣ୍ୟତୋୟା ବୈତରଣୀ ନଦୀ କୂଳ ଯାଜପୁର ଟାଉନଠାରେ ମାଆ ବିରଜାଙ୍କ ବିଜେସ୍ଥଳୀ । ପୁରାଣ କହେ, ସତୀଙ୍କ ବିଖଣ୍ଡିତ ଶରୀରର ନାଭି ଅଂଶ ଏଠାରେ ପଡ଼ିଥିଲା । ତେଣୁ ବିରଜା କ୍ଷେତ୍ର ପ୍ରଧାନ ଶକ୍ତିପୀଠ ଭାବେ ବିଦିତ । ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମାଆ ବିରଜାଙ୍କ ପୀଠରେ ମୂଳାଷ୍ଟମୀ ଠାରୁ କୁମାର ପୂର୍ଣ୍ଣିମା ପର୍ଯ୍ୟନ୍ତ ବିସ୍ତୃତ ପୂଜା, ସ୍ନାନ, ବେଶ, ନୀତି ଆଦି ସ୍ୱତନ୍ତ୍ର ଭାବେ ଅନୁଷ୍ଠିତ ହୋଇଥାଏ । ମୂଳାଷ୍ଟମୀ ଠାରୁ ଦଶହରା ପର୍ଯ୍ୟନ୍ତ ଯେଉଁ ପୂଜା ଅନୁଷ୍ଠିତ ହୁଏ ତହିଁରେ ଦୁଇ ବେଳା ଷୋଡ଼ଶ ଉପଚାର ପୂଜା କରାଯାଇଥାଏ । ଦେବୀଙ୍କୁ ଦଶହରା ଦିନ ଅପରାଜିତା ମନ୍ତ୍ରରେ ପୂଜା କରାଯାଇଥାଏ । ଶାରଦୀୟ ଦୁର୍ଗା ପୂଜା ବେଳେ ମାଆଙ୍କ ରଥଯାତ୍ରା ମଧ୍ୟ ଅନୁଷ୍ଠିତ ହୋଇଥାଏ । ପ୍ରତିପଦା ଠାରୁ ମହାନବମୀ ପର୍ଯ୍ୟନ୍ତ ପ୍ରତିଦିନ ଅପରାହ୍ନରେ ମାଆଙ୍କ ବିଜେ ପ୍ରତିମା ରଥରେ ବସି ମନ୍ଦିର ଚାରିକଡ଼ ପ୍ରଦକ୍ଷିଣ କରିଥାନ୍ତି ।

***ମାଆ ସମଲେଇ :*** ପଶ୍ଚିମ ଓଡ଼ିଶାର ଇଷ୍ଟଦେବୀ ମାଆ ସମଲେଶ୍ୱରୀଙ୍କ ଆସ୍ଥାନ ସମ୍ବଲପୁର ସହରରେ । କିମ୍ବଦନ୍ତୀ କହେ, ପାଟଣାର ରାଜା ନରସିଂହ ଦେବଙ୍କ ସାନଭାଇ ବଳରାମ ଦେବଙ୍କୁ ଦେବୀ ନିଜେ ସ୍ୱପ୍ନାଦେଶ କରିଥିଲେ । ଦେବୀଙ୍କ ନିର୍ଦ୍ଦେଶ ଅନୁସାରେ, ମହାନଦୀର ପୂର୍ବତଟରେ ଥିବା ଶିମ୍ବୂଳି ବୃକ୍ଷ ମୂଳରେ ମାଆଙ୍କୁ ପ୍ରତିଷ୍ଠା କରିଥିଲେ ରାଜା ବଳରାମ ଦେବ । ଶିମୁଳିକୁ ସମ୍ବଲପୁର ଅଞ୍ଚଳରେ ‘ସେମେଲ’ କୁହାଯାଉଥିବା ହେତୁ ଦେବୀଙ୍କୁ ସମଲେଇ ବା ସମଲାଇ କୁହାଯାଉଥିବା ଅନୁମାନ କରାଯାଉଛି । ମାଆଙ୍କ ଗମ୍ଭୀରା ମଧ୍ୟରେ ଚଣ୍ଡୀ, ଚାମୁଣ୍ଡି, ଭୁବନେଶ୍ୱରୀ, ଛତ୍ରବାଉତି, ବେଢ଼ା କାନ୍ଥରେ ଦଶ ମହାବିଦ୍ୟା-ଉଗ୍ରତାରା, ଦୁର୍ଗା, ମଙ୍ଗଳା, ଜ୍ୱାଳାମୁଖୀ, ବନଦୁର୍ଗା, ବାରାହୀ, ଛିନ୍ନମସ୍ତା, ମାତଙ୍ଗୀ, ରାମଚଣ୍ଡୀ ଓ ମାଆ କାଳୀ ପ୍ରମୁଖ ପୂଜିତ । ବାସନ୍ତିକ ଦଶହରା ଅବସରରେ ନବରାତ୍ର ପୂଜା ବେଳେ ସମଲେଶ୍ୱରୀ ବଡ଼ସିଂହାର ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇଥାନ୍ତି ।

***ମାଆ ବିମଳା :*** ପୁରୀ ଶ୍ରୀମନ୍ଦିର ବେଢ଼ାରେ ମାଆ ବିମଳା ପୂଜିତା । ମାଦଳାପାଞ୍ଜି ତଥ୍ୟ ଅନୁସାରେ ଯଯାତି କେଶରୀ ୭୭୩ ମସିହାରେ ମାଆଙ୍କ ମନ୍ଦିର ନିର୍ମାଣ କରିଥିଲେ । ବର୍ଷର ଶାରଦୀୟ ଷୋଳ ଦିନକୁ ବାଦ୍ ଦେଲେ ମାଆ ବିମଳା କୈବଲ୍ୟ ଭୋଜିନୀ, ପରମ ବୈଷ୍ଣବୀ । ଶ୍ରୀଜଗନ୍ନାଥଙ୍କ ପ୍ରସାଦ ମାଆଙ୍କ ପାଖରେ ପୁନଃ ସମର୍ପିତ ହେବା ପରେ ମହାପ୍ରସାଦ ବୋଲାଇଥାଏ । ବର୍ଷାସାରା ବିଭିନ୍ନ ପର୍ବ ପାଳିତ ହେଉଥିଲେ ହେଁ, ଶାରଦୀୟ ପୂଜା ମାଆଙ୍କ ସବୁଠାରୁ ବଡ଼ ପର୍ବ ମାନ୍ୟତା ପାଏ । ସହସ୍ର କୁମ୍ଭାଭିଷେକ ଠାରୁ ଏହି ପୂଜା ଆରମ୍ଭ ହୋଇଥାଏ । ନବମୀ ଦିନରୁ ଦୁର୍ଗାମାଧବ ଶାକ୍ତ ଗୁଣ୍ଡିଚା ବା ଗୁପ୍ତ ଗୁଣ୍ଡିଚାରେ ଦୋଳମଣ୍ଡପ ସାହିସ୍ଥିତ ନାରାୟଣୀ ମନ୍ଦିରକୁ ଯାଇଥାନ୍ତି । ଏହା ଦଶହରା ପର୍ଯ୍ୟନ୍ତ ଚାଲେ । ସପ୍ତମୀ, ଅଷ୍ଟମୀ ଓ ନବମୀ ତିଥିରେ ମାଆ ବିମଳାଙ୍କୁ ମାଛ ବେସର, ଶାଗ, ଖେଚୁଡ଼ି, ଭଜା ଆଦି ସଙ୍ଖୁଡ଼ି ଭୋଗ ଅର୍ପଣ କରାଯାଇଥାଏ ।

***ମାଆ ଶାରଳା :*** ଜଗତ୍‌ସିଂହପୁର ଜିଲ୍ଲାର ଝଙ୍କଡ଼ବାସିନୀ ମାଆ ଶାରଳାଙ୍କୁ ବାଗ୍‌ଦେବୀ ସରସ୍ୱତୀ ଭାବେ ଆଖ୍ୟାୟିତ କରାଯାଇଛି । ସତୀଙ୍କର ଜିହ୍ୱା ଏହି କ୍ଷେତ୍ରରେ ପଡ଼ିଥିବାରୁ ଶାରଳାଙ୍କୁ ବାଗ୍‌ଦେବୀ ବୋଲି କୁହାଯାଇଥାଏ । ମାଆ ଶାରଳାଙ୍କ ପୀଠରେ ଆଶ୍ୱିନ କୃଷ୍ଣପକ୍ଷ ମୂଳାଷ୍ଟମୀ ଠାରୁ ମହାଷ୍ଟମୀ ପର୍ଯ୍ୟନ୍ତ ସାର୍ବଜନୀନ ଶାରଦୀୟ ପୂଜା ଅନୁଷ୍ଠିତ ହୁଏ । ଏହି ସମୟରେ ପ୍ରତ୍ୟେକ ଦିନ ଭୋର ପାଞ୍ଚଟାରୁ ମଙ୍ଗଳ ଆଳତୀରୁ ପୂଜା ଆରମ୍ଭ ହେବା ସହିତ ମାର୍ଜନା ଓ ବେଶ ପରେ ପ୍ରଥମେ ଶ୍ରୀ ଜଗନ୍ନାଥଙ୍କ ମହାପ୍ରସାଦ ସମର୍ପଣ କରାଯାଏ । ନବରାତ୍ର ଉପଲକ୍ଷେ ମହାଷ୍ଟମୀ ପର୍ଯ୍ୟନ୍ତ ମାଆଙ୍କ ଚଳନ୍ତି ପ୍ରତିମାଙ୍କୁ ସୁସଜ୍ଜିତ ବିମାନରେ ଏକ ବର୍ଣ୍ଣାଢ୍ୟ ପଟୁଆରରେ ନେଇ ନଗର ପରିକ୍ରମା କରାଯାଏ ।

***ମାଆ ଚର୍ଚ୍ଚିକା :*** ପ୍ରସିଦ୍ଧ ତନ୍ତ୍ର ପୀଠ ମଧ୍ୟରେ କଟକ ଜିଲ୍ଲା ବାଙ୍କୀର ଅଧିଷ୍ଠାତ୍ରୀ ଦେବୀ ମାଆ ଚର୍ଚ୍ଚିକାଙ୍କ ପୀଠ ଅନ୍ୟତମ । କଟକ ଠାରୁ ୫୦ କିଲୋମିଟର ଓ ଭୁବନେଶ୍ୱର ଠାରୁ ପ୍ରାୟ ୬୦ କିଲୋମିଟର ଦୂରରେ ମହାନଦୀ କୂଳସ୍ଥ ରୁଚିକା ପାହାଡ଼ ଉପରେ ମାଆଙ୍କ ପୀଠ ଅବସ୍ଥିତ । ପୌରାଣିକ ତଥ୍ୟ ଅନୁଯାୟୀ ମାଆ ଚର୍ଚ୍ଚିକା ଦେବୀ ହେଉଛନ୍ତି ଦୁର୍ଗାଙ୍କର ମାନସ କନ୍ୟା । ମାଆ ଚର୍ଚ୍ଚିକାଙ୍କ ପୀଠରେ ଶାରଦୀୟ ଦୁର୍ଗାପୂଜା ଉପଲକ୍ଷେ ମୂଳାଷ୍ଟମୀ ଠାରୁ ଷୋଡ଼ଶ ଉପଚାରରେ ପୂଜାର



ଶୁଭାରମ୍ଭ ହୁଏ । ଷୋଳ ପୂଜାର ପ୍ରଥମ ପର୍ବରେ ଦେବୀଙ୍କ ଗମ୍ଭୀର ସମ୍ମୁଖ ମଣ୍ଡପରେ ନବଶକ୍ତି କଳସ ସ୍ଥାପନ ସହ ସଂକଳ୍ପ ଏବଂ ନେତ ବନ୍ଧା ଉତ୍ସବ ଅନୁଷ୍ଠିତ ହୁଏ ।

***ମାଆ ମଙ୍ଗଳା :*** ପୁରୀ ଜିଲ୍ଲାର କାକଟପୁର ପ୍ରାଚୀ ନଦୀ ତଟରେ ବିଜେ ମାଆ ମଙ୍ଗଳା । ମାଆଙ୍କ ପରିଚୟ ସହ ଯୋଡ଼ି ରହିଛି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନୀତି ସେବା । ମହାପ୍ରଭୁଙ୍କ ନବକଳେବର ମହୋତ୍ସବର ଦାରୁ ସନ୍ଧାନ ମାଆ ମଙ୍ଗଳାଙ୍କ ନିର୍ଦ୍ଦେଶରେ ହୋଇଥାଏ । ମାଆଙ୍କ ପୀଠରେ ଷୋଡ଼ଶ ଉପଚାରରେ ଯୁଗ ଯୁଗ ଧରି ଶାରଦୀୟ ଉତ୍ସବ ପାଳିତ ହୋଇ ଆସୁଛି । ମୂଳାଷ୍ଟମୀ ଠାରୁ ମହାଳୟା ମଧ୍ୟରେ ଧ୍ୟାନମଗ୍ନ ମାଆଙ୍କୁ ପୂଜା ଉପଚାରରେ ଜାଗ୍ରତ କରାଯାଇଥାଏ । ଶୁକ୍ଳ ପଞ୍ଚମୀ ତିଥିରେ ତାରକମାଣ ବୋ, ମହାଷଷ୍ଠୀରେ ମହାକାତ୍ୟାୟନୀ ବେଶ, ମହାଷ୍ଟମୀରେ ମହିଷା ମର୍ଦ୍ଦିନୀ ବେଶ, ମହାନବମୀରେ ମହାଲକ୍ଷ୍ମୀ ବେଶ ଓ ଦଶହରାରେ ବିଜୟା ଦଶମୀ ବେଶରେ ମାଆ ଭକ୍ତଙ୍କୁ ଦର୍ଶନ ଦେଇଥାନ୍ତି ।

***ମାଆ ତାରାତାରିଣୀ :*** ଭୁବନେଶ୍ୱର ଠାରୁ ୧୭୪ କିଲୋମିଟର ଏବଂ ବ୍ରହ୍ମପୁର ମହାନଗର ଠାରୁ ୩୨ କିଲୋମିଟର ଦୂର ପୁରୁଷୋତ୍ତମପୁର ସନ୍ନିକଟ ଋଷିକୁଲ୍ୟା ନଦୀ ତଟ ରତ୍ନଗିରି ପାହାଡ଼ ଉପରେ ବିରାଜିତା ମାଆ ତାରାତାରିଣୀ । ପ୍ରଥମ ଶତାବ୍ଦୀ ବେଳକୁ ମହାଯାନ ବୌଦ୍ଧଧର୍ମାବଲମ୍ବୀମାନେ ଏହାକୁ ଏକ ପ୍ରଖ୍ୟାତ ତନ୍ତ୍ରପୀଠ ଭାବେ ଗଢ଼ି ତୋଳିଥିଲେ । ଶରତକାଳୀନ ଦୁର୍ଗାପୂଜା ସମୟରେ ଆଶ୍ୱିନ ମୂଳାଷ୍ଟମୀରୁ ଦଶହରା ଯାଏ ବିଶେଷ ପୂଜାର୍ଚ୍ଚନା କରାଯାଏ । ସକାଳ ପାଞ୍ଚରୁ ମଧ୍ୟରାତ୍ରି ଯାଏ ମନ୍ଦିର ଖୋଲା ରହେ । ଷୋଡ଼ଶ ଉପଚାରରେ ପୂଜାବିଧି ନୀତିକାନ୍ତି ସମ୍ପନ୍ନ ହେବା ସହ ଯଜ୍ଞ, ହୋମାଦି କରାଯାଏ । ଋଷିକୁଲ୍ୟା ନଦୀରୁ ଜଳ ଆଣି ବିଶେଷ ମାଜଣା କରାଯାଇଥାଏ ।

***ମାଆ ବୁଢ଼ୀ ଠାକୁରାଣୀ :*** ଗଞ୍ଜାମ ଜିଲ୍ଲାର ପୁରୁଣା ବ୍ରହ୍ମପୁରରେ ମାଆ ବୁଢ଼ୀ ସାଆନ୍ତାଣୀ ଠାକୁରାଣୀଙ୍କ ମନ୍ଦିରର ଅବସ୍ଥିତି । ବ୍ରହ୍ମପୁର ରେଳ ଷ୍ଟେସନଠାରୁ ଚାରି କିମି ସିଟି ବସଷ୍ଟାଣ୍ଡ ଠାରୁ ତିନି କିମି ଦୂରରେ ପଡ଼େ ମାଆଙ୍କ ମନ୍ଦିର । ଦୀର୍ଘ ପାଞ୍ଚ ଶହ ବର୍ଷରୁ ଉର୍ଦ୍ଧ୍ୱ କାଳ ହେଲା ପୂଜା ପାଇ ଆସୁଛନ୍ତି ମାଆ ବୁଢ଼ୀ ଠାକୁରାଣୀ । ଶାରଦୀୟ ପାର୍ବଣ ଅବସରରେ ମାଆଙ୍କ ଷୋଡ଼ଶ ପୂଜାବିଧି ସ୍ୱତନ୍ତ୍ର । ଏହି ଷୋଳ ଦିନ ଧରି ଠାକୁରାଣୀଙ୍କୁ ଷୋଡ଼ଶ ଉପଚାରରେ ପୂଜା କରାଯାଇଥାଏ । ପ୍ରତ୍ୟେହ ଦେବୀଙ୍କ ନିକଟରେ ଦୁଇଥର ଚଣ୍ଡୀପାଠ ହୋଇଥାଏ ।

***ମାଆ ରାମଚଣ୍ଡୀ :*** ପୁରୀ-କୋଣାର୍କ ବେଳାଭୂମି ରାସ୍ତାର କୁଶଭଦ୍ରା ନଦୀ ରାମଚଣ୍ଡୀ ମୁହାଣ ତଟରେ ବିଜେ ହୋଇଛନ୍ତି ମାଆ ରାମଚଣ୍ଡୀ । ଭଲା ରାମଚଣ୍ଡୀ ଭଲାରେ, କଳାପାହାଡ଼କୁ ଦୁଆରେ ବସାଇ, ଗଲା ପାଣି ଆଣି ଗଲାରେ’ ଲୋକ ଗୀତରୁ ମାଆ ରାମଚଣ୍ଡୀଙ୍କ ମହିମା ନେଇ କିଛି ଆଭାସ ମିଳୁଛି । ଶାରଦୀୟ ପର୍ବ ଅବସରରେ ମାଆଙ୍କ ପୀଠରେ ସହସ୍ରାକୁମ୍ଭାଭିଷେକ ଦିନରୁ ଷୋଳ ଦିନ ବ୍ୟାପୀ ପ୍ରତିଦିନ ଚଣ୍ଡୀ ପାଠ କରାଯାଇଥାଏ । ପ୍ରତିଦିନ ମଙ୍ଗଳ ଆଳତି, ସୂର୍ଯ୍ୟପୂଜା ଏବଂ ଚଣ୍ଡୀ ପାଠ ଶାରଦୀୟ ପାର୍ବଣର ମୁଖ୍ୟ ଆକର୍ଷଣ । ଷୋଳଦିବସୀୟ ପୂଜାରେ ମାଆଙ୍କୁ ତିନି ଧୂପରେ ଖେଚୁଡ଼ି ସହ ୧୬ପ୍ରକାର ଭୋଗ ସମର୍ପଣ ହୋଇଥାଏ । ମହାଭାରତରେ ମାଆ ରାମଚଣ୍ଡୀଙ୍କ ମହାତ୍ମ ସଂପର୍କରେ ବି ଉଲ୍ଲେଖ ଅଛି ।

***ମାଆ ଭଗବତୀ :*** ଭୁବନେଶ୍ୱର ଠାରୁ ବ୍ରହ୍ମପୁର ଆଡ଼କୁ ପାଞ୍ଚ ନମ୍ବର ଜାତୀୟ ରାଜପଥରେ ପ୍ରାୟ ଶହେ କିଲୋମିଟର ଦୂର ଗଲେ ପଡ଼େ ନୀଳାମ୍ବୁ ଚିଲିକା । ଦେବୀଙ୍କର ପ୍ରାୟ ୫ ଫୁଟ ଉଚ୍ଚର ପଥର ମୂର୍ତ୍ତି ମନ୍ଦିରରେ ପୂଜା ପାଉଛନ୍ତି । ଦଶହରା ହେଉଛି ଦେବୀଙ୍କର ପ୍ରଧାନ ପର୍ବ । ଆଶ୍ୱିନ ମାସରେ ଭଗବତୀଙ୍କ ମନ୍ଦିରକୁ ଆସନ୍ତି ବାଣପୁର ରାଜବାଟୀର ଅଧିଷ୍ଠାତ୍ରୀ ଦେବୀ କନକ ଦୁର୍ଗା ଓ କାଠି ଭଗବତୀ । ବସ୍ତ୍ରାବୃତ୍ତ ସ୍ତମ୍ଭକାରର କାଠି ଭଗବତୀ ଅଷ୍ଟଭୂଜା । ଭଗବତୀଙ୍କ ଚଳନ୍ତି



ପ୍ରତିମା । ଆଶ୍ୱିନ ମାସ ଶୁକ୍ଳ ପ୍ରତିପଦା ଠାରୁ ମହାଷ୍ଟମୀ ଯାଏ ସେ ଦକ୍ଷ ପ୍ରଜାପତି ମନ୍ଦିରରୁ ଭଗବତୀ ମନ୍ଦିର ଯାଆନ୍ତି ।

***ମାଆ ପାଟଣେଶ୍ୱରୀ :*** ବଲାଙ୍ଗୀର ଜିଲ୍ଲାର ପାଟଣାଗଡ଼ରେ ରହିଛି ଦେବୀ ପାଟଣେଶ୍ୱରୀଙ୍କ ମନ୍ଦିର । କିମ୍ବଦନ୍ତୀ କହେ, ପାଟଣାଗଡ଼ରେ ପ୍ରଥମେ କାମଚଣ୍ଡୀଙ୍କୁ ସ୍ଥାପନା କରାଯାଇଥିଲା । କଳିଙ୍ଗ ବିଜୟ କରି ମାଧବ ଚନ୍ଦ୍ର ଦେବ ପଉନ ରାଜ୍ୟ ସ୍ଥାପନ କରିଥିଲେ ଓ ଦେବୀଙ୍କୁ ପଉନେଶ୍ୱରୀ ଭାବେ ପୂଜା କରିଥିଲେ । ବର୍ଷସାରା ମାଆ ପାଟଣେଶ୍ୱରୀଙ୍କ ବିଭିନ୍ନ ପୂଜା ହୋଇଥିଲେ ହେଁ ଆଶ୍ୱିନରେ ମୁଖ୍ୟ ପୂଜା ହୋଇଥାଏ । କୃଷ୍ଣପକ୍ଷ ଅଷ୍ଟମୀର ଶୁକ୍ଳପକ୍ଷ ଅଷ୍ଟମୀ ପର୍ଯ୍ୟନ୍ତ ଷୋହଳ ପୂଜା ହୋଇଥାଏ ।


***ମାଆ ହିଙ୍ଗୁଳା :*** ତାଳଚେର ସହରଠାରୁ ପଶ୍ଚିମ ଦିଗକୁ ପ୍ରାୟ ୨୫ କିଲୋମିଟର ଦୂର ସିଙ୍ଗଡ଼ା ନଦୀ ନିକଟସ୍ଥ ଗୋପାଳପ୍ରସାଦ ଗ୍ରାମଠାରେ ଅଗ୍ନିସ୍ୱରୂପା ମାଆ ହିଙ୍ଗୁଳାଙ୍କ ପୀଠ ଅବସ୍ଥିତ । ଏହା ପଦ୍ମ କ୍ଷେତ୍ର ବା ହିଙ୍ଗୁଳା କ୍ଷେତ୍ର ଭାବେ ପ୍ରସିଦ୍ଧି ଲାଭ କରିଛି । ଗୋପାଳପ୍ରସାଦ ଗ୍ରାମର ପ୍ରବେଶ ଦ୍ୱାରରେ ୬୦ ଫୁଟ ଲମ୍ବ, ୨୫ ଫୁଟ ଓସାରର ଏକ ଖୋଲା ମଣ୍ଡପରେ ମାଆ ହିଙ୍ଗୁଳା ପୂଜା ପାଉଛନ୍ତି । ଆଜିକୁ ପ୍ରାୟ ଏକଶହ ବର୍ଷ ତଳେ ତାଳଚେର ରାଜା କିଶୋର ଚନ୍ଦ୍ର ବୀରବର ହରିଚନ୍ଦନ ମଣ୍ଡପ ଉପରେ ଏକ କୋଠା ଘର, ମୁଖଶାଳା, ଯଜ୍ଞମଣ୍ଡପ, ବଳି ମଣ୍ଡପ ଓ ରୋଷ ଘର ନିର୍ମାଣ କରିଥିଲେ । ଏଠାରେ ପାଳନ ହେଉଥିବା ପର୍ବମାନଙ୍କ ମଧ୍ୟରେ ଚୈତ୍ରମାସ ଶୁକ୍ଳପକ୍ଷ ବିଷ୍ଣୁ ଦମନକ ଚତୁର୍ଦ୍ଦଶୀ ଠାରୁ ନବଦିନ ବ୍ୟାପୀ ପାଳନ ହେଉଥିବା ପର୍ବ ହିଙ୍ଗୁଳା ଯାତ୍ରା ଭାବେ ଖ୍ୟାତ । ଦେବୀଙ୍କ ନିକଟରେ ଦଶହରା ପର୍ବ ମଧ୍ୟ ପାଳିତ ହୋଇଥାଏ ।

***ମାଆ ତାରିଣୀ :*** କେନ୍ଦୁଝର ଜିଲ୍ଲା ମହକୁମାଠାରୁ ୪୫ କିଲୋମିଟର ଦୂରରେ ପ୍ରସିଦ୍ଧ ଘଟଗାଁ ତାରିଣୀ ପୀଠ ଅବସ୍ଥିତ । ୧୪୮୦ ଖ୍ରୀଷ୍ଟାବ୍ଦରୁ ମାଆ ତାରିଣୀ କେନ୍ଦୁଝର ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ରୂପେ ପୂଜା ପାଇ ଆସୁଥିବା କିମ୍ବଦନ୍ତୀ ରହିଛି । ଓଡ଼ିଶାର ପ୍ରମୁଖ ଶକ୍ତିପୀଠମାନଙ୍କ ମଧ୍ୟରୁ ତାରିଣୀ ପୀଠର ମାହାତ୍ମ୍ୟ ସ୍ୱତନ୍ତ୍ର । ମାଆ ଭକ୍ତଙ୍କ ଦୁଃଖକୁ ତାରଣ କରନ୍ତି ବୋଲି ତାଙ୍କ ନାମ ତାରିଣୀ । ଭକ୍ତଙ୍କ ସଂଖ୍ୟା ବଢ଼ିବାରୁ ୧୯୭୧ ମସିହାରେ ମାଆଙ୍କ ପୀଠରେ ଏକ ଖୋଲା ମନ୍ଦିର ନିର୍ମାଣ କରାଗଲା । ବିଭିନ୍ନ ପର୍ବପର୍ବାଣୀ ମଧ୍ୟରେ ମାଆଙ୍କ ଚଇତି ପର୍ବ, ଆଷାଢ଼ୀ ପର୍ବ, ତାରିଣୀ ବ୍ରତ, ମକର ସଂକ୍ରାନ୍ତି, ରଜ ସଂକ୍ରାନ୍ତି ଓ ଦୁର୍ଗାପୂଜା ଅନ୍ୟତମ । ଦୀର୍ଘ ୫୦ ବର୍ଷ ପୂର୍ବରୁ ଉର୍ଦ୍ଧ୍ୱ ସମୟ ଧରି ମାଆଙ୍କ ପୀଠରେ ଦେବୀ ଦୁର୍ଗାଙ୍କ ପୂଜା ଅନୁଷ୍ଠିତ ହୋଇଆସୁଛି । ମୃଣ୍ମୟୀ ଦୁର୍ଗାଦେବୀଙ୍କ ସମ୍ମୁଖରେ ମହାଷ୍ଟମୀ ପୂଜା, ମହାନବମୀ ପୂଜା ଓ ଦଶହରା ପୂଜା ଆଡ଼ମ୍ବର ସହକାରେ ପାଳିତ ହୋଇଥାଏ ।

***ମାଆ ମାଣିକେଶ୍ୱରୀ :*** କଳାହାଣ୍ଡି ଜିଲ୍ଲାର ଭବାନୀପାଟଣା ରାଜ ଉଆସ ପରିସରରେ ମାଆ ମାଣିକେଶ୍ୱରୀ ବିରାଜିତା । କିମ୍ବଦନ୍ତୀ କହେ, ନାଗବଂଶୀ ରାଜା ଫତେ ନାରାୟଣ ଦେଓ ବିପତ୍ତିରୁ ରକ୍ଷା ପାଇବା ପାଇଁ ଭଣ୍ଡେସର ବା ବୁନ୍ଦେସର ଠାରେ ଆଦିବାସୀ ପୂଜିତା ଦେବୀ ମାଆ ମାଣିକେଶ୍ୱରୀଙ୍କ ଶରଣାପନ୍ନ ହୋଇଥିଲେ । ଆଉ ମାଣିକେଶ୍ୱରୀଙ୍କୁ ନିଜର ଇଷ୍ଟଦେବୀ ରୂପେ ପୂଜା କରୁଥିଲେ । ବିଜୟା ଦଶମୀ ତିଥିରେ ଭବାନୀପାଟଣା ସହରର ନିକଟିଗୁଡ଼ାର ଲାଖମରା ପଡ଼ିଆକୁ ମାଆ ମାଣିକେଶ୍ୱରୀଙ୍କ ଛତର୍‌କୁ ନିଆଯାଇଥାଏ । ଲୋକବିଶ୍ୱାସ ରହିଛି କି ମାଆ ମାଣିକେଶ୍ୱରୀ ବର୍ଷକେ ଥରେ ଛତର ଭାବେ ବାହାରକୁ ଆସି ଭକ୍ତମାନଙ୍କ ଦୁଃଖ ଶୁଣିଥାନ୍ତି ।

***ମାଆ କୀଚକେଶ୍ୱରୀ :*** ମୟୂରଭଞ୍ଜର ଖୁକୁଳି ବ୍ଲକ ଖିଚିଂ ଠାରେ ପୂଜିତା ମାଆ କୀଚକେଶ୍ୱରୀ । କୀଚକେଶ୍ୱରୀଙ୍କୁ ଭଞ୍ଜମାଟିର ଅଧିଷ୍ଠାତ୍ରୀ ଦେବୀ ବୋଲି କୁହାଯାଏ । ଭଞ୍ଜ ରାଜବଂଶର ପ୍ରଥମ ରାଜା ଆଦି ଭଞ୍ଜ କୀଚକେଶ୍ୱରୀଙ୍କୁ ପ୍ରତିଷ୍ଠା କରାଇଥିଲେ । ପଦ୍ମଫୁଲ ଉପରେ ଚକା ଆସନରେ ଦେବୀ ଉପବିଷ୍ଟ । ଶାରଦୀୟ ପୂଜାକୁ ନେଇ ଉତ୍ସବମୁଖର ହୋଇଥାଏ ଦେବୀ ପୀଠ । ଦେବୀ ପୂଜା ପାଆନ୍ତି ଷୋଡ଼ଶ ଉପଚାରରେ । ବିଜୟା ଦଶମୀ ଅବସରରେ ପୂର୍ଣ୍ଣାହୁତି ଦିଆଯାଏ । ଶାରଦୀୟ ପୂଜା ଅବସରରେ ମାଆଙ୍କ ଦର୍ଶନ ଦ୍ୱାରା ମହାପୁଣ୍ୟ ପ୍ରାପ୍ତି ହୋଇଥାଏ ବୋଲି ଭକ୍ତଙ୍କର ଅତୁଟ ବିଶ୍ୱାସ । ମାଆଙ୍କ ପାଖରେ ଲାଗୁଥିବା ସିନ୍ଦୂର ଭକ୍ତଙ୍କୁ ସର୍ବସିଦ୍ଧି ପ୍ରଦାନ କରିଥାଏ ବୋଲି ମଧ୍ୟ ବିଶ୍ୱାସ ରହିଛି । ଦେବୀ ରାଜବଂଶର ଆରାଧ୍ୟା ଠାକୁରାଣୀ ହୋଇଥିବାରୁ ଶାରଦୀୟ ପୂଜା ରାଜପୂଜା ଭାବେ ଖ୍ୟାତ । ବିଜୟା ଦଶମୀ ଦିନ ମନ୍ଦିର ନିକଟରେ ରାବଣ ପୋଡ଼ି ଅନୁଷ୍ଠିତ ହୋଇଥାଏ ।

***ମାଆ ମଝିଘରିଆଣୀ :*** ଅବିଭକ୍ତ କୋରାପୁଟ ଜିଲ୍ଲାର ରାୟଗଡ଼ାରେ ଅଧିଷ୍ଠିତ ପ୍ରସିଦ୍ଧ ଦେବୀ ମାଆ ମଝି ଘରିଆଣୀ । ଜୟପୁର ରାଜା ବିଶ୍ୱନାଥ



ଦେବଙ୍କ ଇଷ୍ଟଦେବୀ ନାରାୟଣୀ ରାଜାଙ୍କ ପରିବର୍ତ୍ତିତ ନଗର ରାୟଗଡ଼କୁ ଆସି ଗଡ଼ର ମଧ୍ୟ ଭାଗରେ ସ୍ଥାପିତ ହୋଇଥିଲେ । ଗଡ଼ର ମଝି ଭାଗରେ ଦେବୀ ଅବସ୍ଥାନ କରୁଥିବାରୁ ପ୍ରତ୍ୟକ୍ଷ ଦେବୀ ମଝି ଘରିଆଣୀ ରୂପେ ବିଦିତ ହୋଇଥିଲେ । ଆନ୍ଧ୍ର ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ ମାଆ ମଝି ଘରିଆଣୀଙ୍କର ଚୈତ୍ର ପର୍ବ ଏକ ବଡ଼ ପର୍ବ । ମନ୍ଦିରରେ ମାଆଙ୍କ ନିକଟରେ ତାଙ୍କର ଚଳନ୍ତି ପ୍ରତିମା ରୂପେ ପାଞ୍ଚଟି ଖଣ୍ଡା ପୂଜା ପାଉଛନ୍ତି । କିମ୍ବଦନ୍ତୀ ଅନୁଯାୟୀ ମାଆ ମଝି ଘରିଆଣୀଙ୍କର ଆଉ ଆଠ ଜଣ ଭଉଣୀ ଥିବା ଜଣାଯାଏ । ସର୍ବମୋଟ ନଅ ଜଣ ଭଉଣୀଙ୍କ ମଧ୍ୟରୁ ସବୁଠାରୁ ବଡ଼ ମଝିଘରିଆଣୀ ଓ ସାନ ଭଉଣୀ ଦୁର୍ଗା ଅଟନ୍ତି । ମଝି ଘରିଆଣୀ ରାଜାଙ୍କ ଗଡ଼ ମଧ୍ୟରେ ପୂଜା ପାଉଛନ୍ତି ଓ ମାଆ ଦୁର୍ଗା ପାଇକ ସାହିରେ ପୂଜା ପାଉଛନ୍ତି ।

***ମାଆ ସୁରେଶ୍ୱରୀ :*** ପଶ୍ଚିମ ଓଡ଼ିଶାର ସୋନପୁର ସହରରେ ବିରାଜିତା ମାଆ ସୁରେଶ୍ୱରୀ । ପଞ୍ଚଦଶ ଶତାବ୍ଦୀରେ ଆଦିକବି ସାରଳା ଦାସଙ୍କ ରଚିତ ଚଣ୍ଡୀ ପୁରାଣରେ ଦେବୀ ସୁରେଶ୍ୱରୀଙ୍କୁ ୬୪ ଯୋଗିନୀ ମଧ୍ୟରୁ ଅନ୍ୟତମ ଯୋଗିନୀ ଭାବେ ବର୍ଣ୍ଣନା କରାଯାଇଛି । ସୋମବଂଶୀ ଶାସନ କାଳରେ ମାଆ ସୁରେଶ୍ୱରୀ ଦୁର୍ଗର ଅଧିଷ୍ଠାତ୍ରୀ ଦେବୀ ରୂପେ ପୂଜା ପାଉଥିଲେ । ଦଶହରା ଦିନ ଏହି ମନ୍ଦିରରେ ‘ମହାବଳୀ’ର ଚୁଳ ବନ୍ଧନ କରାଯାଏ । ଚୈତ୍ରମାସ ରାମନବମୀରେ ବାସନ୍ତୀ ପୂଜା ଅନୁଷ୍ଠିତ ହୋଇଥାଏ । ପ୍ରତି ମଙ୍ଗଳବାର, ଅମାବାସ୍ୟା ଓ ସଂକ୍ରାନ୍ତି ଦିନ ୧୦୮ ବତିରେ ଦେବୀଙ୍କୁ ସଂଜ ଆଳତୀ ଦିଆଯାଏ ।

***ମାଆ କଟକଚଣ୍ଡୀ :*** କଟକ ଜିଲ୍ଲାର ଶେଖ୍ ବଜାର ଅଞ୍ଚଳରେ ରହିଛି ଚର୍ତୁଭୂଜା ମାତା ତଥା କଟକ ସହରର ଅଧିଷ୍ଠାତ୍ରୀ ଦେବୀ ମାଆ କଟକ ଚଣ୍ଡୀଙ୍କ ମନ୍ଦିର । କିମ୍ବଦନ୍ତୀ କହେ, ମରହଟ୍ଟା ଶାସନ ପୂର୍ବରୁ କଟକ ଚଣ୍ଡୀଙ୍କ ବିଗ୍ରହ ବାରବାଟୀ ଦୁର୍ଗ ପରିସରରେ ପୂଜା ପାଉଥିଲେ । କଳାପାହାଡ଼ ଆକ୍ରମଣ କାଳରେ ଦେବୀ ସେ ସ୍ଥାନରୁ ଅପସାରିତ ହୋଇ ଦୁର୍ଗର ଦକ୍ଷିଣ ପାର୍ଶ୍ୱରେ କିଛି ଦୂରରେ ରହିଲେ । ସେଠାରୁ ଏବର ପୀଠକୁ ଦେବୀଙ୍କୁ ଅଣାଯାଇଛି । ମୂଳାଷ୍ଟମୀ ଦିନ ସହସ୍ର କୁମ୍ଭାଭିଷେକ ଓ ଘଟ ସ୍ଥାପନ କରି ମାଆଙ୍କୁ ଜାଗ୍ରତ କରାଯିବା ସହିତ ଆରମ୍ଭ ହୁଏ ଶାରଦୀୟ ଷୋଡ଼ଶ ଦିନାତ୍ମକ ପୂଜା । ପ୍ରତ୍ୟେକ ଦିନ ମାଆଙ୍କୁ ସ୍ୱତନ୍ତ୍ର ବେଶ କରାଯାଏ । ଦଶମୀ ଯାଏ ଏହି ସ୍ୱତନ୍ତ୍ର ପୂଜା ଚାଲେ । ଅଷ୍ଟମୀ ଦିନ ମାଆଙ୍କର ମହାସ୍ନାନ ସହିତ ମହାକାଳୀ ବେଶ କରାଯାଏ । ସେହିଦିନ ମାଆଙ୍କ ଦେହରେ ବସ୍ତ୍ର ନଥାଏ, କେବଳ ଆଭୂଷଣରେ ସଜ୍ଜିତ ହୁଅନ୍ତି । ରାତ୍ରିବିହିତ ପୂଜାରେ ସନ୍ଧି ପୂଜା ସହିତ ସେଦିନ ମାଆଙ୍କ ନିକଟରେ ମାଛ ବଳି ଦିଆଯାଏ ।

*କଳିଙ୍ଗ ବିହାର, ଭୁବନେଶ୍ୱର*
*ଦୂରଭାଷ : ୯୦୪୦୦୨୭୪୦୦*

